## ରାଜ୍ୟ ଇଲେକ୍ଟ୍ରୋ ହୋମିଓପାଥିକ ଡାକ୍ତର ସମ୍ମିଳନୀ

କଟକ ଅଫିସ- ରାଜ୍ୟ ଇଲେକ୍ଟ୍ରୋ ହୋମିଓପାଥିକ ଡାକ୍ତର ସମ୍ମିଳନୀ ଶ୍ରୀରାମଚନ୍ଦ୍ର ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଛି। ନିରଞ୍ଜନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସଂଘର ସଭାପତି ଡା. ସରୋଜ ସାହୁ ପୌରୋହିତ୍ୟ କରିଥିଲେ। ଏହି ସମ୍ମିଳନୀରେ ଡାକ୍ତର କମଳାକାନ୍ତ ନାୟକ, ଅଜୟ କୁମାର ପତି, କୃଷ୍ଣଚନ୍ଦ୍ର ମହାପାତ୍ର, ସୁଶାନ୍ତ ହୋତା, ପର୍ଶୁରାମ ଖଟୁଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘର ବାର୍ଷିକ ସ୍ମରଣିକା ଆଟ୍ଟୋନ ଉନ୍ମୋଚିତ ହୋଇଥିଲା। ସଂଘର ସମ୍ପାଦକ ମନୋଜ ମହଲା ବିବରଣୀ ପାଠ ଓ ରଞ୍ଜିତ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ପର୍ଶୁରାମ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଜାତୀୟ ହସ୍ତତନ୍ତ ମେଳା, ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦ରୁ ରାତି ୯ଟା ୩୦।
- ଜାତୀୟ ସ୍ତରୀୟ ସୂତାବସ୍ତ୍ର ପ୍ରଦର୍ଶନୀ 'କଟନଫାବ୍', ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟାରୁ।
- ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ ପକ୍ଷରୁ ୧୫ତମ ତୋଷାଳି ମେଳା, ଜନତା ମଇଦାନ, ଅପରାହ୍ନ ୨ଟାରୁ ରାତି ୯ଟା।
- ସୋସାଇଟି ଅଫ୍ ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ ଏଣ୍ଡୋସ୍କୋପି ଅଫ୍ ଇଣ୍ଡିଆ ପକ୍ଷରୁ ଜାତୀୟ ସମ୍ମିଳନୀ 'ମିଡ୍‌ଟର୍ମ ଏଣ୍ଡୋକନ୍-୨୦୨୧' ଉଦ୍‌ଘାଟନ, ମେ'ଫେୟାର କ୍ୟାମେଲିଆ ହଲ୍, ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ୨୭ରେ ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘର ଆନ୍ଦୋଳନ

ଭୁବନେଶ୍ୱର,୨୧।୧(ବ୍ୟୁରୋ): ଆସନ୍ତା ୨୭ ତାରିଖରେ ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ (ମହିଳା) ଆନ୍ଦୋଳନକୁ ଓହ୍ଲାଇବ। ଭୁବନେଶ୍ୱର ରାମ ମନ୍ଦିର ଛକରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ମାଷ୍ଟରକ୍ୟାଣ୍ଟିନ ଦେଇ ଲୋୟର ପିଏମ୍‌ଜି ଧାରଣାସ୍ଥଳ ପର୍ଯ୍ୟନ୍ତ ଯିବ। ଏ ସମ୍ପର୍କରେ ସୂଚନା ଦେଇ ସଂଘ ସଭାପତି ଦୀପିକା ମଞ୍ଜରୀ ମିଶ୍ର କହିଛନ୍ତି, ରାଜ୍ୟର ୪ ହଜାର ସରକାରୀ ବିଦ୍ୟାଳୟରେ ଆଇସିଟି ତଥା କମ୍ପ୍ୟୁଟର ଶିକ୍ଷାର ପୁନଃ ପ୍ରଚଳନ ସହ ଛଟେଇ କମ୍ପ୍ୟୁଟର ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ପାଇଁ ସରକାରଙ୍କ ନିକଟରେ ଦାବି କରି ଆସୁଛୁ। ଏ ସମ୍ପର୍କରେ ମଧ ଉକ୍ତ ଦିନ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବା ସହ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯିବ ବୋଲି ସେ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

### ସ୍କୁଲ ବୁଲିବେ ବରିଷ୍ଠ ଅଧିକାରୀ

ଭୁବନେଶ୍ୱର,୨୧।୧(ବ୍ୟୁରୋ)- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମେତ ଏହା ଅଧୀନ ବିଭିନ୍ନ ନିର୍ଦ୍ଦେଶାଳୟର ନୋଡାଲ ଓ ବରିଷ୍ଠ ଅଧିକାରୀମାନେ ଆସନ୍ତା ୨୪ ତାରିଖ ରବିବାର ଦିନ ରାଜ୍ୟର ବିଭିନ୍ନ ସରକାରୀ ସ୍କୁଲ ଗସ୍ତ କରିବେ। ଗସ୍ତ ସମୟରେ ସେମାନେ ଶିକ୍ଷକଙ୍କ କାର୍ଯ୍ୟକଳାପ ଅନୁଧ୍ୟାନ କରିବା ସହ ଛାତ୍ରୀଛାତ୍ରଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବେ। ହଷ୍ଟେଲକୁ ଗସ୍ତ କରି ସେଠାରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅନ୍ତେବାସୀଙ୍କ ସହ ଆଲୋଚନା କରିବେ। ପୂର୍ବରୁ ଗଣଶିକ୍ଷା ବିଭାଗ ଅଧିକାରୀମାନଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ଦିଆଯାଇଥିଲା। ୩୦ ଜିଲା ଲାଗି ୩୦ଜଣ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ ହୋଇଥିଲା। ସେହି ଅନୁଯାୟୀ ଅଧିକାରୀମାନେ ପାଠପଢ଼ା ସ୍ଥିତି ଅନୁଧ୍ୟାନ କରି ଗସ୍ତର ବିବରଣୀ ବିଭାଗକୁ ପ୍ରଦାନ କରିବାକୁ କୁହାଯାଇଛି।

### ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ଲୁଟ୍: ଜଣେ ଅଟକ

କଟକ ସଦର, ୨୧।୧(ଡି.ଏନ୍.ଏ.): କଟକ ସଦର ଥାନା ଅଧୀନ ଫୁଲନଖରା-ନିଆଳି ୬୦ନଂ. ରାଜ୍ୟ ରାଜପଥର ବଡଝରିଲୋ ନିକଟରେ ଗୁରୁବାର ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ୧୧ଟାରେ ପୁରୀ ଜିଲା କୋଣାର୍କ ଥାନା ଅଧୀନ କୁଣେଇ ଅଞ୍ଚଳର ତ୍ରିଲୋଚନ ସାହୁ ଓ ତାଙ୍କ ପୁଅ ଅରୁଣ କଟକ ମାଲଗୋଦାମରୁ ଜିନିଷ କିଣିବା ପାଇଁ ଏକ ଟାଲାଅଟୋରେ ଆସୁଥିଲେ। ସେମାନଙ୍କ ପାଖରେ ୨ ଲକ୍ଷ ଟଙ୍କା ଥିଲା। କୋଣାର୍କ ପଟୁ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ସେମାନଙ୍କ ପିଛା କରି ଆସିଥିଲେ। ବଡଝରିଲୋ ନିକଟ ଏକ ନିଛାଟିଆ ସ୍ଥାନରେ ଦୁର୍ବୃତ୍ତମାନେ ଉକ୍ତ ଅଟୋ ଆଗରେ ବାଇକ ରଖିଥିଲେ। ପରେ ଏକ ଭୁଜାଲିରେ ଅରୁଣଙ୍କ ବେକକୁ ଚୋଟ ମାରି ଟଙ୍କାବ୍ୟାଗ ଛଡାଇ ନେଇଥିଲେ। ଏହି ସମୟରେ ବ୍ୟବସାୟୀ ଦ୍ୱୟ ଓ ଦୁର୍ବୃତ୍ତମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ବାଇକରେ ପଳାଇ ଯିବାକୁ ଉଦ୍ୟମ କରୁଥିବାବେଳେ ପଛରେ ବସିଥିବା ଜଣେ ଦୁର୍ବୃତ୍ତଙ୍କୁ ବ୍ୟବସାୟୀ ଦ୍ୱୟ କାବୁ କରି ନେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଥାନାକୁ ନେଇଥିଲା। ଅରୁଣଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ମହିଧରପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୨/୨୧) ରୁଜୁ କରିଛି।

# ମିଳିଲା ମହାପ୍ରଭୁଙ୍କ ଦର୍ଶନ

**ଭକ୍ତମୟ ହେଲା ଶ୍ରୀକ୍ଷେତ୍ର**

ପୁରୀ ଅଫିସ,୨୧।୧:

ହଟିଛି କୋଭିଡ୍ ନେଗେଟିଭ୍ ରିପୋର୍ଟ କଟକଣା। ଦାରୁଦିଅଁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଛୁଟିଛନ୍ତି ଶ୍ରଦ୍ଧାଳୁ। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଗୁରୁବାର ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। ଗୁରୁବାର ସହଜ ଦର୍ଶନ ଆରମ୍ଭ ହୋଇଥିବାରୁ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଥିଲା। ଶ୍ରୀମନ୍ଦିର ସମ୍ମୁଖ ଓ ପ୍ରବେଶ ଦ୍ୱାରକୁ ପୁଷ୍ପମାଳାରେ ସଜା ଯାଇଥିଲା। ମାର୍କେଟ ଛକରୁ ବ୍ୟାରିକେଡ୍ ବ୍ୟବସ୍ଥା ଲାଗୁ କରାଯାଇଥିଲା। ସକାଳ ୬ରୁ ୭ଟା ପର୍ଯ୍ୟନ୍ତ ପୁରୀ ସହରବାସୀ ଦର୍ଶନ କରି ସାରିବା ପରେ ୭ଟାରୁ ମାର୍କେଟ ଛକରୁ ବ୍ୟାରିକେଡ୍‌ରେ ସାଧାରଣ ଲୋକେ ପ୍ରବେଶ କରିଥିଲେ। ଥର୍ମାଲ ସ୍କ୍ରିନିଂ କରାଯିବାପରେ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଇଥିଲା। ପୂର୍ବରୁ କିଓସ୍କୋ ଦର୍ଶନ ବ୍ୟବସ୍ଥାର ଅଂଶ ରହି ଆସିଥିଲା। ତେବେ ଗୁରୁବାର ଦର୍ଶନରେ କିଓସ୍କୋ ଦେଖିବାକୁ ମିଳି ନ ଥିଲା। କିଓସ୍କୋ ରହିବା ଫଳରେ ଦର୍ଶନରେ ବିଳମ୍ବ ହେଉଥିବା ଯୁକ୍ତି ବାଢ଼ି ପ୍ରଶାସନ ଏହାକୁ ବନ୍ଦ କରିଛି। ଦର୍ଶନାର୍ଥୀମାନେ ପ୍ରଥମେ ୨୨ପାହାଚ, ପାଟ ଅଗଣା, ସାତ ପାହାଚ, ଜୟବିଜୟ ଦ୍ୱାର ଦେଇ ଭିତରକାଠରେ ପହଞ୍ଚି ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। ଭୋର ୫ଟା ୨୫ରେ ମହାପ୍ରଭୁଙ୍କ ଦ୍ୱାର ଫିଟା ନୀତି ସମ୍ପାଦନ ହୋଇଥିଲା। ମହାପ୍ରଭୁଙ୍କ ମହାପ୍ରସାଦ ଆନନ୍ଦବଜାରରେ ସେବନ କରିବାର ସୁଯୋଗ ମିଳି ନ ଥିଲେ ମଧ ଆନନ୍ଦବଜାରରେ ଦିନ ତମାମ୍ ଅବଢ଼ା ବିକ୍ରି ହୋଇଛି। ଦୂରଦୂରାନ୍ତରୁ ଆସିଥିବା ଲୋକେ ଆନନ୍ଦବଜାରରୁ ଅବଢ଼ା କିଣି ଉତ୍ତର ଦ୍ୱାର ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିବା ଦୃଶ୍ୟ ସାମ୍ନାକୁ ଆସିଛି।

ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ଦର୍ଶନ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟରେ ନିୟୋଜିତ ୨୫ଜଣ କର୍ମଚାରୀ ଦିନ ତମାମ୍ ଦର୍ଶନକୁ ଶୃଙ୍ଖଳିତ କରିଥିଲେ। ସେହିଭଳି ଦର୍ଶନ ବ୍ୟବସ୍ଥା ଉପରେ ପ୍ରତିକ୍ରିୟା ନେବା ପାଇଁ ଏକ ଅସ୍ଥାୟୀ କ୍ୟାମ୍ପ ମଧ ସ୍ଥାପନ କରାଯାଇଥିଲା। ଉତ୍ତର ଦ୍ୱାର ଦେଇ ଫେରୁଥିବା ଶ୍ରଦ୍ଧାଳୁଙ୍କୁ ଦର୍ଶନର ଅନୁଭୂତି ଓ ବ୍ୟବସ୍ଥାରେ ଥିବା ଅସୁବିଧାକୁ ପ୍ରଶାସନକୁ ଜଣାଇବା ପାଇଁ ଅପିଲ୍ କରାଯାଇଥିଲା। ଏସ୍‌ପି କନୱର ବିଶାଲ ସିଂ କ୍ୟାମ୍ପରେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ସମର୍ଥ ବର୍ମା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର ମଧ ଗୁରୁବାର ଦର୍ଶନ ସମୟରେ ଶ୍ରୀମନ୍ଦିର ସମ୍ମୁଖରେ ଦର୍ଶନ ବ୍ୟବସ୍ଥାର ତତ୍ତ୍ୱାବଧାନ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ପୋଲିସ ପ୍ରଶାସନ ୨୬ ପ୍ଲାଟୁନ୍ ଫୋର୍ସ ନିୟୋଜନ କରି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲା। ଦର୍ଶନ ସମୟରେ ପାନୀୟ ଜଳ, ଆମ୍ବୁଲାନ୍ସ, ଦମକଳ ବାହିନୀର ବ୍ୟାପକ ବ୍ୟବସ୍ଥା ହୋଇଥିଲା।


ମହାପ୍ରଭୁଙ୍କ ଦର୍ଶନ ଲାଗି ଭକ୍ତମାନେ ବ୍ୟାରିକେଡ ଦେଇ ଧାଡିରେ ଯାଉଛନ୍ତି ।

# ବିବାହ ବନ୍ଧନରେ ବାନ୍ଧିହେଲେ ଦୁଇ ଦୃଷ୍ଟିହୀନ

ଚୌଦ୍ୱାର,୨୧।୧(ଡି.ଏନ.ଏ.):

ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ଦୁଇଜଣ ଦୃଷ୍ଟିହୀନ। ପରସ୍ପରକୁ ଜୀବନସାଥୀ କରିବାର ନିଷ୍ପତ୍ତି ନେଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ କୟଳପଡା ପଞ୍ଚାୟତ ଅଧୀନ ଶିମିଳିହାଣ୍ଡ ଗ୍ରାମର ରାଧାମାଧବ ମଠରେ ଉଭୟ ଉଭୟଙ୍କ ହାତ ଧରିଛନ୍ତି। ଏହି ବିବାହ ଉତ୍ସବରେ ଗ୍ରାମବାସୀ ଯୋଗଦେଇ ନବ ଦମ୍ପତିକୁ ଆଶୀର୍ବାଦ କରିଛନ୍ତି।

ଶିମିଳିହାଣ୍ଡ ଗ୍ରାମର ଦିବାକର ନାୟକଙ୍କ ଝିଅ ରିନୁ ଜନ୍ମରୁ ଦୃଷ୍ଟିହୀନ। ପିଲାଦିନେ ମା ଚାଲିଯିବା ପରେ ସାହିପଡିଶା ଲୋକଙ୍କ ମେଳରେ ରିନୁ ବଢିଥିଲେ। ସେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ସେହିପରି କଖଡି-ବରମପୁର ଗ୍ରାମର ମୁନା ନାୟକ ମଧ ଦୃଷ୍ଟିହୀନ। ମୁନାଙ୍କୁ ୩ବର୍ଷ ହୋଇଥିବାବେଳେ ତାଙ୍କ ମାଆଙ୍କ ମୃତ୍ୟୁ ଘଟିଥିଲା। ୫ବର୍ଷ ବୟସରେ ତାଙ୍କ ବାପା ଆରପାରିକୁ ଚାଲିଗଲେ। ମାବାପା ଛେଉଣ୍ଡ ମୁନା କୟଳପଡା ପଞ୍ଚାୟତ ଡିହସାହି ଗ୍ରାମର ଅଜାଙ୍କ ଘରେ ରହୁଛନ୍ତି। ମୁନା ମଧ ମାଟ୍ରିକ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ଏବେ ସେ ବିଭିନ୍ନ ଅନୁଷ୍ଠାନରେ ସଙ୍ଗୀତ ପରିବେଷଣ କରିବା ସହିତ ଟ୍ରେନ୍‌ରେ ଗୀତ ବୋଲି ଯାତ୍ରୀଙ୍କ ମନୋରଞ୍ଜନ କରୁଛନ୍ତି। ଏଥି ସହିତ ଟ୍ରେନ୍‌ରେ ଷ୍ଟେସନେରି ସାମଗ୍ରୀ ବିକ୍ରି କରୁଛନ୍ତି। ତେବେ ମୁନା ଓ ରିନୁଙ୍କ ବିବାହ ପାଇଁ ଉଭୟ ପରିବାର ସହମତି ପ୍ରକାଶ କରିଥିଲେ। ଫଳରେ ଗ୍ରାମବାସୀ ଓ ଉଭୟ ପରିବାର ଲୋକଙ୍କ ଉପସ୍ଥିତିରେ ରାଧାମାଧବ ମଠରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏହି ବିବାହ ଉତ୍ସବରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ନବଦମ୍ପତିଙ୍କୁ ଆଶ୍ରୀର୍ବାଦ କରିବା ସହ ଶୁଭକାମନା ଜଣାଇଥିଲେ। ଅନ୍ୟପକ୍ଷରେ ରିନୁ ଘର କାମ କରିପାରୁଥିବାରୁ ବିବାହ ପରେ କିଛି ଅସୁବିଧା ହେବନାହିଁ ବୋଲି ଦିବାକର କହିଛନ୍ତି। ଏହି ଦମ୍ପତି ପରସ୍ପରକୁ ଦେଖି ନ ପାରିଲେ ମଧ ଜୀବନସାଥୀ କରିବା ସଂକଳ୍ପ ନେଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଏମାନଙ୍କ ପାଇଁ ସରକାରଙ୍କ ଯୋଜନାରେ ସୁବିଧାସୁଯୋଗ ଯୋଗାଇବାକୁ ବ୍ଲକ ଉପାଧକ୍ଷା ଜାନକୀ ପରିଡା କହିଛନ୍ତି ।


ବିବାହ ବେଦିରେ ରିନୁ ଓ ମୁନା ।

## ତୋଷାଳି ମେଳାରେ ଦିଆଗଲାନି ଜୀବନ ବ୍ୟାପୀ ସାଧନା ପୁରସ୍କାର

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ତୋଷାଳି ମେଳାର ଉଦ୍‌ଘାଟନୀ ଉତ୍ସବରେ ଗୁରୁବାର 'ରାଜ୍ୟ ହସ୍ତଶିଳ୍ପ ପୁରସ୍କାର' ପ୍ରଦାନ କରାଯାଇଥିଲେ ମଧ ୨୦୧୨ ମସିହାରୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା 'ଜୀବନ ବ୍ୟାପୀ ସାଧନା ପୁରସ୍କାର' ଚଳିତବର୍ଷ ପ୍ରଦାନ କରାଯାଇନାହିଁ। ଏ ନେଇ ଓଡ଼ିଶା ଶିଳ୍ପୀ ମହାସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଦୁର୍ଭାଗ୍ୟଜନକ ବୋଲି କହିଛି। ଶିଳ୍ପୀ ଜାତି ପ୍ରତି ଏହା ଏକ ପ୍ରତାରଣା। ଏଭଳି ଅପରିମାଣଦର୍ଶୀ କାର୍ଯ୍ୟ ପାଇଁ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମନ୍ତ୍ରୀ ପଦ୍ମିନୀ ଦିଆନ ଓ ସଚିବ ଶୁଭା ଶର୍ମା ଦାୟୀ ବୋଲି ମହାସଂଘ ସଭାପତି ଉଦୟ ମହାନ୍ତି କହିଛନ୍ତି। ଗତ ଡିସେମ୍ବର ମାସରେ ହୋଇଥିବା ଚୟନ ପ୍ରକ୍ରିୟାରେ ବିଚାରକମଣ୍ଡଳୀ ଜୀବନ ବ୍ୟାପୀ ସାଧନା ପୁରସ୍କାର ପାଇଁ ରାଜ୍ୟର ଜଣେ ବିଶିଷ୍ଟ ଶିଳ୍ପୀଙ୍କୁ ମନୋନୀତ କରିଥିଲେ। ଏହି ମନୋନୟନକୁ ସମ୍ମାନ ନ ଦେଇ ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ କରା ନ ଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

## ୩ ଦିନିଆ ଓଡ଼ିଶା ଗସ୍ତରେ କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ

**ଇ-ବିଧାନସଭାକୁ ପ୍ରଶଂସା କଲେ**

ଭୁବନେଶ୍ୱର,୨୧।୧(ବ୍ୟୁରୋ):

ଓଡ଼ିଶା ବିଧାନସଭାକୁ ଇ-ବିଧାନସଭାରେ ପରିଣତ କରାଯାଇଥିବା କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରିବା ପାଇଁ କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ରାଜେନ୍ଦ୍ର ଏସ୍. ଶୁକ୍ଳା ଏବଂ ଯୁଗ୍ମ ସଚିବ ସତ୍ୟପ୍ରକାଶ ୩ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେମାନେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ସାକ୍ଷାତ କରିଛନ୍ତି। ବାଚସ୍ପତିଙ୍କ ନେତୃତ୍ୱରେ ଓଡ଼ିଶା ବିଧାନସଭାକୁ ଇ-ବିଧାନସଭାରେ ପରିଣତ କରିବା ପାଇଁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମକୁ କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ପ୍ରଶଂସା କରିଛନ୍ତି। ଏ ଦିଗରେ ପଞ୍ଜାବ ଏବଂ ଓଡ଼ିଶା ବିଧାନସଭା ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ବୋଲି ମତ ରଖିଛନ୍ତି। ଏ ଅବସରରେ ଏକ ସମୀକ୍ଷା ବୈଠକ ବିଧାନସଭା ପରିସର ପ୍ରକୋଷ୍ଠ ୫୪ରେ ଅନୁଷ୍ଠିତ ହୋଇଥିଲା। ବିଧାନସଭା ସଚିବ ଦାଶରଥୀ ଶତପଥୀ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କେନ୍ଦ୍ର ସରକାର ଦେଇଥିବା ୧କୋଟି ୨ଲକ୍ଷ ୯୬ ହଜାର ୪୦୮ ଟଙ୍କାର ଅନୁଦାନ ଏବଂ ରାଜ୍ୟ ସରକାରଙ୍କ ଅବଶିଷ୍ଟ ଶତକଡ଼ା ୪୦ ଭାଗ ଅର୍ଥକୁ ବିନିଯୋଗ କରାଯାଇ ନେଭା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ୬୬ଟି କମ୍ପ୍ୟୁଟର କ୍ରୟ ସହ ବିଧାନସଭାରେ ଭିଡିଓ କନଫରେନ୍ସି ସୁବିଧା ଏବଂ ଲାନ୍ ଓ ୱାଇଫାଇର ଆଧୁନିକୀକରଣ ପାଇଁ ଉକ୍ତ ଅର୍ଥ ବିନିଯୋଗ ହୋଇଛି। ଓକାକ୍ ସହାୟତାରେ ନେଭା କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଆଗେଇ ଚାଲିଥିବା ଆଇଟି ସଚିବ ମନୋଜ ମିଶ୍ର ସୂଚନା ଦେଇଛନ୍ତି।

# ଦୁଇ ପାର୍କିଂ ଲଟ୍‌ର ଦାୟିତ୍ୱ ନେଲେ କିନ୍ନର

**ବିଏମ୍‌ସିର ଅଭିନବ ପ୍ରୟାସ**

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଦୁଇଟି ପ୍ରମୁଖ ପାର୍କିଂ ଅଞ୍ଚଳର ଦାୟିତ୍ୱ ନେଇଛନ୍ତି କିନ୍ନର ସଂଗଠନ। ରାଜମହଲ ଛକ ନିକଟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଗୁରୁବାର ଦୁଇ ପାର୍କିଂ ଲଟ୍‌କୁ ହସ୍ତାନ୍ତର କରିଛନ୍ତି। କିନ୍ନରଙ୍କ ଅନ୍ତର୍ଭୁକ୍ତୀକରଣ ଓ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଏହି ପଦକ୍ଷେପ ନିଆଯାଇଛି। ଏହା ଏକ ରାଜସ୍ୱଜନିତ କାର୍ଯ୍ୟକ୍ରମ ହୋଇଥିବାରୁ ବିଏମ୍‌ସି ନିୟମିତ ବ୍ୟବଧାନରେ ଏହାର ତଦାରଖ କରିବ ବୋଲି କମିଶନର କହିଛନ୍ତି।

ପ୍ରଥମ ପାର୍କିଂ ଲଟ୍‌ରେ ରାଜମହଲ ଛକସ୍ଥିତ ଶ୍ରୀଲେଦର ଶୋ'ରୁମରୁ ଅଶୋକା ମାର୍କେଟ୍ ମଧ୍ୟରେ ୪ଟି ପାର୍କିଂସ୍ଥଳୀ ରହିଛି। ଖାଦିମ୍ ଶୋରୁମ୍‌ରୁ ଶ୍ରୀଲେଦର ଶୋ'ରୁମ୍ ସମ୍ମୁଖ ପର୍ଯ୍ୟନ୍ତ, ହୋଟେଲ ରୟାଲ ମିଡ୍‌ଟାଉନରୁ ଆର୍ଯ୍ୟ ପ୍ୟାଲେସ୍ ପର୍ଯ୍ୟନ୍ତ, ଅଶୋକା ମାର୍କେଟରୁ ସିଟି ରେସିଡେନ୍ସି ଏବଂ ରୟାଲ୍ ମିଡ୍ ଟାଉନ୍ ସାମ୍ନାରୁ ଅଶୋକ ନଗରସ୍ଥିତ ନାରାୟଣ ଆୟୁର୍ବେଦ ଭବନ ଶୋରୁମ୍ ପର୍ଯ୍ୟନ୍ତ ପାର୍କିଂ ଲଟ୍ ଏଣିକି କିନ୍ନରଙ୍କ ଦ୍ୱାରା ପରିଚାଳିତ ହେବ। ସେହିଭଳି ଦ୍ୱିତୀୟ ଲଟ୍‌ରେ ମାଷ୍ଟର୍ କ୍ୟାଣ୍ଟିନ ଛକରୁ ଶ୍ରୀୟାଛକ ପର୍ଯ୍ୟନ୍ତ ରାସ୍ତାରେ ଥିବା ହୋଟେଲ୍ ସ୍ୱସ୍ତିର ବିପରୀତ ପାର୍ଶ୍ୱ ଖାରବେଳ ନଗର ଅଞ୍ଚଳ (ଅଫଷ୍ଟ୍ରିଟ୍), ଇପାରୀ ସଦାଶିବ ଜୁଏଲେରୀ, ନରୁଲା ଜେନେରାଲ୍ ଷ୍ଟୋର୍ ସମ୍ମୁଖରୁ ପି.ସି ଚାନ୍ଦ୍ ପର୍ଯ୍ୟନ୍ତ, ଗୋଦାବରୀଶ ସାହିତ୍ୟ ସଂସଦ ସାମ୍ନା ଓ ହୋଟେଲ୍ କେଶରୀ ସମ୍ମୁଖ ପାର୍କିଂ ସ୍ଥଳ ରହିଛି। ଏହି ପାର୍କିଂ ଲଟ୍‌ଗୁଡିକ ଦୁଇମାସ ପାଇଁ ପରୀକ୍ଷାମୂଳକ ଭାବେ ଦିଆଯାଇଥିବା ବିଏମ୍‌ସି ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କହିଛନ୍ତି।

ଦୁଇଟି ପାର୍କିଂ ଲଟ୍‌ର ଦାୟିତ୍ୱ ନେଇଥିବା ଟିଜି ଗ୍ରୁପ୍ ମୁଖପାତ୍ର ମେଘନା ସାହୁ କହିଛନ୍ତି, ବକେୟା ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ଆମେ ଯେଉଁଭଳି ପରିଶ୍ରମ କରିଛୁ, ପାର୍କିଂ ଲଟ୍ କାର୍ଯ୍ୟରେ ମନଲାଖି କାମ କରି ଦେଖାଇବୁ। ବିଏମସିର ରାଜସ୍ୱ ଆଦାୟ ସାଙ୍ଗକୁ ଶୃଙ୍ଖଳାର ସହିତ କାମ କରି ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ଲକ୍ଷ୍ୟ ରଖିଛୁ। ଏଥିପାଇଁ ବିଏମ୍‌ସି ନିକଟରେ ଆମେ କୃତଜ୍ଞ ବୋଲି ସେ କହିଛନ୍ତି।



ଭୁବନେଶ୍ୱରରେ ପାର୍କିଂ ଫି' ଆଦାୟ ପାଇଁ ଟ୍ରାନ୍ସଜେଣ୍ଡର ଗ୍ରୁପ୍‌କୁ ଦାୟିତ୍ୱ ଦେବା ଅବସରରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ଅନ୍ୟମାନେ।

### ୫ ଘଣ୍ଟା ଗାଡ଼ି ରହିଲେ ୨୦% ଅଧିକ ଫି'

କୌଣସି ବ୍ୟକ୍ତି ୫ ଘଣ୍ଟା ଗାଡ଼ି ରଖିଲେ ଘଣ୍ଟା ପ୍ରତି ୨୦% ଅଧିକ ଅର୍ଥ ଦେବାକୁ ହେବ। ଇଲେକ୍ଟ୍ରିକ୍ ଯାନ ପାଇଁ ୪୦% ରିହାତି ମିଳିବ। ସାଇକେଲ ପାଇଁ କୌଣସି ପାର୍କିଂ ଫି ପଡିବ ନାହିଁ। ଏହି ପାର୍କିଂ ଲଟ୍‌ର ୫% ସ୍ଥାନ ସାଇକେଲ ପାଇଁ ଉଦ୍ଦିଷ୍ଟ ରଖାଯାଇଛି। ସେହିଭଳି ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିବ। ଧାର୍ଯ୍ୟ ଦର ବ୍ୟତୀତ ଅନ୍ୟ କୌଣସି ଫି' ଆଦାୟ କରାଯାଇ ପାରିବ ନାହିଁ। ଟିଜି ଗ୍ରୁପ୍ ଏବେ ପିଓଏସ୍ ମେଶିନ ବ୍ୟବହାର କରି ବିଲ୍ ଦେବେ। ଅଳ୍ପ କିଛିଦିନ ମଧ୍ୟରେ ମେଶିନ ଓ କ୍ୟୁ ଆର୍ କୋଡ୍ ଉପଲବ୍ଧ ହେବ ବୋଲି ବିଏମ୍‌ସି ସୂଚନା ଦେଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲକ୍ଷ୍ମୀଧର


@ ଗୋପବନ୍ଧୁ


@ ପ୍ରୀତି


@ ଜ୍ୟୋତିଷା


@ ସରୋଜ


@ ସୁବ୍ରତ


@ ନିତ୍ୟାନନ୍ଦ


@ ସତ୍ୟବ୍ରତ

## ସିପିଆଇ ପକ୍ଷରୁ ବିକ୍ଷୋଭ, ପ୍ରତିବାଦ ସଭା

ସାଲେପୁର,(ଡି.ଏନ୍.ଏ.): ସାଲେପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର କଟକ ଜିଲା ସିପିଆଇ ପକ୍ଷରୁ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକରେ ହୋଇଥିବା ବିଭିନ୍ନ ଦୁର୍ନୀତିକୁ ବିରୋଧ କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଜିଲା ସିପିଆଇ ସମ୍ପାଦକ ଅମରେନ୍ଦ୍ର ମହାନ୍ତି ଓ ସିପିଆଇ ନେତା ଉଦୟ କେଶରୀ ବର୍ମା ପ୍ରମୁଖ ଯୋଗଦେଇଥିଲେ। ରାସ୍ତାକାର୍ଯ୍ୟ ଠାରୁ ଆରମ୍ଭ କରି, ପାଇଖାନା, ପକ୍କାଘର ପ୍ରଦାନରେ ବାରମ୍ବାର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି କର୍ମୀମାନେ ଚେତାବନୀ ଦେଇଛନ୍ତି।

**ସଂକ୍ଷେପରେ**

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲିଅନ୍ତା, ୨୧।୧(ଡି.ଏନ୍.ଏ.): ବାଲିଅନ୍ତା ଥାନା ଅଧୀନ ବଇଁଚୁଆ ନିକଟ କୁଆଖାଇ ନଦୀକୂଳ ଏକ ଆମ୍ବଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ବଇଁଚୁଆ ବିଲସାହିର ଶତ୍ରୁଘ୍ନ ସାହୁ। ବୁଧବାର ରାତିରେ ଶତ୍ରୁଘ୍ନ ଭୋଜି ଖାଇବାକୁ ଆସି ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ଗଛରେ ପ୍ଲାଷ୍ଟିକ ଦଉଡିରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୩/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ମର୍କତନଗର ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତା

କଟକ ଅଫିସ, ୨୧।୧: ସିଡିଏ ମର୍କତନଗର ଲାୟନସ୍ କ୍ଲବର ଉଦ୍‌ଘାଟନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡିଷ୍ଟ୍ରିକ୍ଟ ଗଭର୍ନର ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ମର୍କତନଗର ଲାୟନ୍ସ କ୍ଲବର ନିର୍ବାଚିତ ସଭାପତି ଦୀପକ କାଜେରିଆ, ଉପସଭାପତି ରାଜେଶ ମୋଦି ଓ ରିତା ବାଗେଡ଼ିଆ, ସମ୍ପାଦକ ସୁମିତ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ମିନାକ୍ଷୀ ସିଂଘଲ ଓ କୋଷାଧ୍ୟକ୍ଷ ରୂପେ ସନ୍ତୋଷ ଅଗ୍ରୱାଲ ଦାୟିତ୍ୱ ନିର୍ବାହ ଠିକ୍ ରୂପେ କରିବା ପାଇଁ ମତବ୍ୟକ୍ତ କରିଥିଲେ। ରମଣ ବାଗେଡ଼ିଆ, ଶରତ ସାଙ୍ଗନେରିଆ, ସଞ୍ଜୟ ସନ୍ତୁକା, ପ୍ରଭାତ ମହାନ୍ତି, ପ୍ରକାଶ କୁମାର ଜେନା, ଭଗବାନ ଗୁପ୍ତା, ଗୌରିଶଙ୍କର ଅଗ୍ରୱାଲ, ସୂଯର୍ଯ୍ୟ ସାରଥି ବେହେରା, ଲଳିତ ପତୱାରି ସଭା ପରିଚାଳନା କରିଥିଲେ। ମନୋଜ କୁମାର ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

## ମୋହରିର ଦିବସ ପାଳିତ

କଟକ ଅଫିସ, ୨୧।୧: କଟକ ସିଭିଲ କୋର୍ଟ ଓ କ୍ରିମିନାଲ କୋର୍ଟ ମୋହରିର ସଂଘ ପକ୍ଷରୁ ମୋହରିର ଦିବସ ଗୁରୁବାର ପାଳିତ ହୋଇଛି। ସିଭିଲ କୋର୍ଟ ମୋହରିର ସଂଘ ପରିସରରେ ଅନୁଷ୍ଠିତ ସଭାରେ ସଂଘ ଉପଦେଷ୍ଟା ଗଣେଶ୍ୱର ସ୍ୱାଇଁ ଯୋଗଦେଇ ମୋହରିରମାନେ ମହକିଲଙ୍କ ମକଦମାକୁ ନ୍ୟାୟାଳୟ ସହିତ ସୁସମ୍ପର୍କ ରଖି ଚଳାଇବା ପାଇଁ କହିଥିଲେ। କ୍ରିମିନାଲ କୋର୍ଟସ୍ ମୋହରିର ସଂଘ ସଭାପତି ଦିବାକର ସ୍ୱାଇଁ ସଭାପତିତ୍ୱ କରିଥିଲେ। ସଂଘ ସଭାପତି ଦାମୋଦର ନାୟକ, ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ, ପ୍ରବୋଧ ଚନ୍ଦ୍ର ପରିଜା, ଅଭୟ ଜେନା ଏବଂ କ୍ରିମିନାଲ କୋର୍ଟସ୍ ମୋହରିର ସଂଘର ସୁକାନ୍ତ ମୁଦୁଲି, ସମ୍ପାଦକ ଅଜୟ ଚନ୍ଦ୍ର ପରିଜା ଉପସ୍ଥିତ ଥିଲେ।

## ସଂକ୍ରମିତ ରକ୍ତ ଦେବା ଘଟଣା: କ୍ଷତିପୂରଣ ଦେବାକୁ ଏନ୍ଏଚ୍ଆରସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୧।୧(ବ୍ୟୁରୋ): ସମ୍ବଲପୁର ଜିଲା ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍ସ ଆଣ୍ଡ୍ ରିସର୍ଚ୍ଚ(ଭିମସାର)ରେ ଦୁଇଜଣ ରୋଗୀଙ୍କୁ ଏଚ୍ଆଇଭି ଓ ହେପାଟାଇଟିସ୍ ସଂକ୍ରମିତ ରକ୍ତ ଦେବା ମାମଲାରେ ପୀଡିତଙ୍କୁ ଲକ୍ଷେ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ପାଇଁ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆରସି) ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର କର୍ମୀ ତଥା ଆଇନଜୀବୀ ରାଧାକାନ୍ତ ତ୍ରିପାଠୀଙ୍କ ଏକ ପିଟିଶନର ଶୁଣାଣି କରି କମିଶନ ୮ ସପ୍ତାହ ମଧ୍ୟରେ କ୍ଷତିପୂରଣ ସମ୍ପର୍କିତ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବ୍ୟବସାୟ ପାଇଁ ରାସ୍ତା ନଷ୍ଟ

■ ବଢୁଛି ପ୍ରଦୂଷଣ
■ କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ
■ ରାସ୍ତା ଅବରୋଧ, ଅନଶନ ଚେତାବନୀ

ଟାଙ୍ଗୀ, (କଟକ)୨୧।୧(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ବିଲତେରୁଆଁ ଗ୍ରାମର ମଧ୍ୟସ୍ଥଳରେ ଯାଇଥିବା ପୁରୁଣା ୪୨ ନମ୍ବର ଜାତୀୟ ରାଜପଥର ଅବସ୍ଥା ଶୋଚନୀୟ ହୋଇପଡିଛି। ଏପରି କି ଏହି ରାସ୍ତାରେ ଗାଡି ଚଳାଚଳ କରିବା ଦ୍ୱାରା ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ୨୦୧୯ ମେ ମାସରେ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ କୌଣସି ପଦକ୍ଷେପ ନିଆ ନ ଯିବାରୁ ସମସ୍ୟା ବଢିବାରେ ଲାଗିଛି।

ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ରାଜପଥ ସମ୍ପ୍ରସାରଣ ହେବା ଫଳରେ ହାଇଲେବଲ ପୋଲଠାରୁ ନିର୍ଗୁଣ୍ଡି ଛକ ପର୍ଯ୍ୟନ୍ତ ୩ କିମି ରାସ୍ତା ଅକାମି ହୋଇପଡିଛି। ପରେ ଏହି ରାସ୍ତାକୁ ଆଉ ବ୍ୟବହାର ନ କରିବାକୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଗୁଣ୍ଡ କୋଇଲା, ଜିପ୍‌ସମ ଓ ବିଭିନ୍ନ ଖଣିଜ ପଦାର୍ଥ ରଖାଯାଇ ବ୍ୟବସାୟ କରାଯାଉଛି। ଏଥିଯୋଗୁ ପ୍ରତିଦିନ ବହୁସଂଖ୍ୟାରେ ଟ୍ରକ ଚଳାଚଳ କରିବା ଦ୍ୱାରା ପିଚୁ ରାସ୍ତା କ୍ରମଶଃ ମାଟି ରାସ୍ତାରେ ପରିଣତ ହୋଇସାରିଲାଣି। ରାସ୍ତା ମରାମତି ନ ହେବାରୁ ବିଭିନ୍ନ ସ୍ଥାନରେ ଖାଲଖମା ହେବା ସହ ପାଣି ଜମି କାଦୁଅ ହୋଇଛି। ଏଥିଯୋଗୁ ଜନସାଧାରଣ, ସ୍କୁଲ ଛାତ୍ରୀଛାତ୍ର ଓ ରୋଗୀମାନେ ଯାତାୟତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ବ୍ୟବସାୟ ଅନୁଷ୍ଠାନ ଆରମ୍ଭ କରିବା ପୂର୍ବରୁ ସେଠାରେ ଥିବା ଗ୍ରାମବାସୀଙ୍କ ମତାମତ ଗ୍ରାମସଭା ଦ୍ୱାରା ନିଆଯାଇ ଅନୁମତି ଦିଆଯିବା କଥା। କିନ୍ତୁ କୌଣସି ଦିନ ଗ୍ରାମସଭା ନ କରି ଗ୍ରାମବାସୀଙ୍କ ଜାଲ୍ ଦସ୍ତଖତରେ ଅନୁମତି ପତ୍ର ସରପଞ୍ଚ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଶାସନ ଏହାର ତଦନ୍ତ କରି ଜାଲ ଅନୁମତିପତ୍ର ଦ୍ୱାରା ରାସ୍ତାପାର୍ଶ୍ୱରେ ଗଢି ଉଠିଥିବା ବ୍ୟବସାୟ ବନ୍ଦ କରିବା, ପ୍ରଦୂଷଣର ମାତ୍ରାକୁ ରୋକିବା ଓ ରାସ୍ତା ମରାମତି ନିମନ୍ତେ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଜିଲାପାଳ ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଯଦି ପ୍ରଶାସନ କାଳକ୍ଷେପଣ ନୀତି ପୋଷଣ କରି ସମସ୍ୟାକୁ ଅଣଦେଖା କରନ୍ତି ତେବେ ଗ୍ରାମବାସୀ ଆଗାମୀ ଦିନରେ ରାସ୍ତା ଅବରୋଧ କରିବା ସହ ଅନଶନର କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ହରିଅନ୍ତା ସରପଞ୍ଚ କଲ୍ୟାଣୀ ସାମଲ କୁହନ୍ତି, ଅଭିଯୋଗ ଭିତ୍ତିହୀନ। ନିୟମ ଅନୁଯାୟୀ ଗ୍ରାମସଭା କରାଯାଇ ଅନୁମତି ପତ୍ର ଦିଆଯାଇଛି। ଏଥିରେ କିଛି ଜାଲ୍ ହୋଇନାହିଁ।


ରାସ୍ତାରେ ପାଣି ଜମି କାଦୁଅ ହୋଇଛି।

## ଉତ୍କଳ କଂଗ୍ରେସ କମିଟି ପ୍ରତିଷ୍ଠା ଦିବସ, ଗାନ୍ଧୀଙ୍କ ଆଗମନର ଶତବାର୍ଷିକୀ ପାଳିବ କଂଗ୍ରେସ

ଭୁବନେଶ୍ୱର,୨୧।୧(ବ୍ୟୁରୋ)

୧୯୨୧ରେ ଭାରତୀୟ ଜାତୀୟ କଂଗ୍ରେସର ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ଗଠିତ ହୋଇଥିଲା ଏବଂ ଏହାର ପ୍ରଥମ ସଭାପତି ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ। ସେହିବର୍ଷ ମହାତ୍ମା ଗାନ୍ଧୀ ପ୍ରଥମ କରି ଓଡିଶା ଆସିଥିଲେ। ମହାତ୍ମା ଗାନ୍ଧୀ ସର୍ବମୋଟ ୮ଥର ଓଡିଶା ଆସିଥିଲେ। ପ୍ରଥମେ ସେ ୧୯୨୧ ମାର୍ଚ୍ଚ ୨୩ରେ ଆସିଥିଲେ। ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନ ଓ ଉତ୍କଳ କଂଗ୍ରେସର ୧୦୦ ବର୍ଷ ପୂର୍ତ୍ତିକୁ ଧୁମ୍‌ଧାମ୍‌ରେ କଂଗ୍ରେସ ବର୍ଷତମାମ ପାଳନ କରାଯିବ ବୋଲି ଗୁରୁବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ନିରଞ୍ଜନ କହିଛନ୍ତି, ରାଜ୍ୟ ସରକାର ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ଶତବାର୍ଷିକୀ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯାହାର ଚୂଡ଼ାନ୍ତ ରୂପରେଖ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ଓଡିଶା ସ୍ୱାଧୀନତା ସଂଗ୍ରାମ ସମିତି ପକ୍ଷରୁ ମଧ ଗାନ୍ଧୀଙ୍କ ଏହି ଓଡ଼ିଶା ଆଗମନର ଶତବାର୍ଷିକ ପାଳନ ପାଇଁ ଆହ୍ୱାନ ଦିଆଯାଇଛି। ଉଭୟ ରାଜ୍ୟ ସରକାର ଓ ସ୍ୱାଧୀନତା ସଂଗ୍ରାମ ସମିତି ପକ୍ଷରୁ ଯେଉଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହେବ ସେଥିରେ କଂଗ୍ରେସ ଦଳ ସାମିଲ ହେବାକୁ ଆହ୍ୱାନ ଦେବା ସହିତ ଏହାକୁ ସଫଳ କରିବା ସକାଶେ ଦଳ ପକ୍ଷରୁ ନିବେଦନ କରାଯାଇଛି। ମହାତ୍ମା ଗାନ୍ଧୀଙ୍କ ପ୍ରତି ଯଦି ବାସ୍ତବରେ ରାଜ୍ୟ ସରକାର ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଚାହାନ୍ତି ତେବେ ଗାନ୍ଧୀଙ୍କ ତିରୋଧାନ ଦିବସ ଅର୍ଥାତ୍ ଜାନୁୟାରୀ ୩୦ରେ ଓଡିଶାକୁ ନିଶାମୁକ୍ତ କରିବା ପାଇଁ ଘୋଷଣା କରନ୍ତୁ ବୋଲି ନିରଞ୍ଜନ କହିଛନ୍ତି। କଂଗ୍ରେସ ଦଳ ଏବଂ ଗାନ୍ଧୀଙ୍କ ଆଗମନର ୧୦୦ ବର୍ଷକୁ ରାଜ୍ୟ, ଜିଲା ଏବଂ ବ୍ଲକସ୍ତରରେ ବିଭିନ୍ନ ପ୍ରକାରରେ ପାଳନ କରାଯିବ।

## ପୋଲିସ ଉପସ୍ଥିତିରେ ଗୋଷ୍ଠୀ ସଂଘର୍ଷ, ୧୦ ଆହତ

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ବସ୍ତିରେ ଘର ଉଚ୍ଛେଦକୁ ନେଇ ଗୁରୁବାର ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ପିସିଆର୍ ପୋଲିସ ଉପସ୍ଥିତିରେ ରକ୍ତାକ୍ତ ସଂଘର୍ଷ ଘଟିଛି। ୨ ଗୋଷ୍ଠୀ ପରସ୍ପରକୁ ଠେଙ୍ଗା ପଥରରେ ଆକ୍ରମଣ କରିବାରୁ ଉଭୟ ପକ୍ଷରୁ ୧୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି। ଥାନା ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ସ୍ଥିତିକୁ ନିୟନ୍ତ୍ରଣ କରିଥିବାବେଳେ ପୋଲିସ ୩ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଡମଣା ନିକଟରେ ତାରିଣୀ ଓ ଅରବିନ୍ଦ ବସ୍ତି ରହିଛି। ସେଠାରେ କେତେଜଣ ଲୋକ ସରକାର ଯୋଗାଇଥିବା ଘରକୁ ଅନ୍ୟମାନଙ୍କୁ ମୋଟା ଅଙ୍କରେ ବିକ୍ରି କରୁଥିବାବେଳେ ଆଉ କେତେଜଣ ସରକାରୀ ଜାଗାକୁ ଦଖଲ କରି ବଳପୂର୍ବକ ରହୁଥିଲେ। ଯେଉଁମାନେ ଘର ପାଇ ନ ଥିଲେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ୨ ଦୁଇଦିନ ତଳେ ବସ୍ତି ବାହାରେ ବେଆଇଭାବେ ଗଢିଉଠିଥିବା ଘରକୁ ଉଚ୍ଛେଦ କରାଯାଇଥିଲା। ଏହି ଉଚ୍ଛେଦକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ ଅବସ୍ଥାରେ ଥିଲେ। ଗୁରୁବାର ଏହା ଉଗ୍ରରୂପ ନେଇଥିଲା। ପ୍ରଥମେ କଥା କଟାକଟି ପରେ ମାରପିଟ୍ ହୋଇ ସଂଘର୍ଷଣ ରୂପ ନେଇଥିଲା। ଖବର ପାଇ ପିସିଆର ଭ୍ୟାନ୍ ଘଟଣା ସ୍ଥଳରେ ପହଞ୍ଚିଥିଲେ ମଧ ପୋଲିସକୁ କେହି ଖାତିର କରି ନ ଥିଲେ। ପରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

## କଲେଜ ଫି' ଛାଡ଼ ଦାବି: ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ


ଛାତ୍ରୀଛାତ୍ର କଟକ-ଚାନ୍ଦବାଲି ରାସ୍ତା ଅବରୋଧ କରିଛନ୍ତି।

ନିଶ୍ଚିନ୍ତକୋଇଲି,୨୧।୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ କଲେଜ ଫି' ଛାଡ଼ ପାଇଁ ଗୁରୁବାର ଦାବି କରାଯାଇଛି। ଏନେଇ ସେମାନେ ଅଧ୍ୟକ୍ଷ ବିଜୟ କୁମାର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ସେ ଗାଳିଗୁଲଜ କରିବାରୁ ପ୍ରତିବାଦରେ ଛାତ୍ରୀଛାତ୍ର କଲେଜ ସମ୍ମୁଖ କଟକ-ଚାନ୍ଦବାଲି ରାସ୍ତାକୁ ଅବରୋଧ କରିଥିଲେ। କରୋନା ମହାମାରୀ ପାଇଁ ଫି ଛାଡ କରିବାକୁ ସେମାନେ ଦାବି କରିଥିଲେ। ଏ ସମ୍ପର୍କରେ ଛାତ୍ର ନେତା ଚନ୍ଦନ ବେହେରା କୁହନ୍ତି, କଲେଜ ଫି' ଛାଡ ନେଇ ଅଧ୍ୟକ୍ଷଙ୍କୁ ଅବଗତ କରାଇବାରୁ ସେ ଆମକୁ ଦୁର୍ବ୍ୟବହାର କରିଥିଲେ। ଏଥିସହ ବାରମ୍ବାର କଲେଜ ଫି କୁ ନେଇ ଭ୍ରମାତ୍ମକ ନୋଟିସ ଜାରି କରାଯାଉଥିଲା। ପରେ ଅଧ୍ୟକ୍ଷ ମିଶ୍ର ଅବରୋଧ ସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ୧୫୦ ଟଙ୍କା ଦେୟ କମାଇବା ଓ ଫି'ଦାଖଲ ସମୟ ଅବଧି ବଢାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଅଧ୍ୟକ୍ଷ ମିଶ୍ର କୁହନ୍ତି, ପିଲାମାନେ କୌଣସି ଦାବି ନ ଜଣାଇ ରାସ୍ତାରୋକୋ କରିଥିଲେ। ଫି' ଛାଡ଼ ନେଇ ଉଚ୍ଚକର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ। ଏହାସତ୍ତ୍ୱେ ଛାତ୍ରୀଛାତ୍ରମାନେ ଦାବି କରିବାରୁ ଫି ହ୍ରାସ କରାଯାଇଛି।

## କିଡ୍‌ନୀ ଦେବା ନାଁରେ ଠକେଇ ଆଜିଠୁ ପୁଣି ରିମାଣ୍ଡରେ ହିମାଂଶୁ

ଭୁବନେଶ୍ୱର,୨୧।୧(ବ୍ୟୁରୋ)

କିଡ୍‌ନୀ ଦେବା ନାଁରେ ଠକେଇ ର୍ୟାକେଟର ମାଷ୍ଟରମାଇଣ୍ଡ୍ କେନ୍ଦ୍ରାପଡ଼ାର ହିମାଂଶୁ ଭୂଷଣ ନନ୍ଦକୁ ଲକ୍ଷ୍ମୀସାଗର ଥାନା ପୋଲିସ ଶୁକ୍ରବାରଠାରୁ ୩ ଦିନିଆ ରିମାଣ୍ଡରେ ଆଣିବ। ଏନେଇ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଅନୁମତି ଦେଇଛନ୍ତି। ସାଢ଼େ ୩ଲକ୍ଷ ଟଙ୍କା ଠକେଇ ନେଇ ଲକ୍ଷ୍ମୀସାଗର ଥାନାରେ ହୋଇଥିବା ଅଭିଯୋଗର ଖୋଳତାଡ କରିବ ପୋଲିସ। ଏଥିସହିତ ହିମାଂଶୁ ଲିଙ୍କ୍‌ରେ କେଉଁମାନେ ସାମିଲ ଅଛନ୍ତି ସେ ନେଇ ପଚରାଉଚରା କରାଯିବ ବୋଲି ଥାନା ଅଧିକାରୀ ଭରତ ଚରଣ ସାହୁ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ହିମାଂଶୁଙ୍କୁ ନୟାପଲ୍ଲୀ ଥାନା ପୋଲିସ ୩ଦିନିଆ ରିମାଣ୍ଡରେ ଆଣିଥିଲା। ଏହି କିଡ୍‌ନୀ ଠକେଇରେ କେତେଜଣ ଡାକ୍ତରଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ସନ୍ଦେହ କରୁଥିବା ବେଳେ ରିମାଣ୍ଡ ଅବଧିରେ ସମସ୍ତ ତଥ୍ୟ ହାସଲ କରାଯାଇପାରି ନ ଥିଲା। ତେଣୁ ଏହାର ଖୁଲାସା ନିମନ୍ତେ କମିଶନରେଟ୍ ପୋଲିସ ଅଭିଯୁକ୍ତ ହିମାଂଶୁଙ୍କୁ ଆଉଥରେ ରିମାଣ୍ଡରେ ଆଣିଛି। ହିମାଂଶୁ ନାଁରେ କମିଶନରେଟ୍ ପୋଲିସର ନୟାପଲ୍ଲୀ ଥାନା, ମଞ୍ଚେଶ୍ୱର ଥାନା, ଲକ୍ଷ୍ମୀସାଗର ଥାନା ଓ ସହିଦନଗର ଥାନାରେ ୪ଟି ଠକେଇ ମାମଲା ରୁଜୁ ହୋଇଛି। ତେଣୁ ଏହି ର୍ୟାକେଟ୍‌ର ସମସ୍ତ ଗୁମର ଖୋଲିବାକୁ ପର୍ଯ୍ୟାୟକ୍ରମେ ସମସ୍ତ ଥାନା ହିମାଂଶୁକୁ ରିମାଣ୍ଡରେ ନେବା ପାଇଁ ଯୋଜନା କରିଥିବା ସୂତ୍ରରୁ ଜଣାପଡ଼ିଛି।

## ଜୟ ଓଡ଼ିଶା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ



କାର୍ଯ୍ୟକ୍ରମରେ ଟ୍ରାଫିକ ଏଡିସିପି କିଶୋର କୁମାର ପାଣିଗ୍ରାହୀ ଓ ଅନ୍ୟମାନେ।

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ଭୁବନେଶ୍ୱର-କଟକ କମିଶନରେଟ ପୋଲିସର ଟ୍ରାଫିକ ୱିଙ୍ଗ୍ ତତ୍ତ୍ୱାବଧାନରେ ଜୟ ଓଡ଼ିଶା ପକ୍ଷରୁ ଗୁରୁବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ବସ୍ତି ମୁଖିଆମାନଙ୍କୁ ସଚେତନ କରାଯାଇ ସେମାନଙ୍କ ମାଧ୍ୟମରେ କିଭଳି ବସ୍ତି ବାସିନ୍ଦାଙ୍କୁ ସଚେତନ କରାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭୁବନେଶ୍ୱରର ୪୦୦ରୁ ଊର୍ଦ୍ଧ୍ୱ ବସ୍ତିରେ ସଚେତନତା ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଥିବାବେଳେ ପ୍ରଥମ କାର୍ଯ୍ୟକ୍ରମରେ ଶହୀଦନଗର ଥାନା ଅନ୍ତର୍ଗତ ୨୨ଟି ବସ୍ତିରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ପ୍ରାୟ ୧୪୦ଜଣ ବ୍ୟକ୍ତି ଯୋଗ ଦେଇଥିଲେ। ଜୟ ଓଡ଼ିଶାର ପ୍ରତିଷ୍ଠାତା ରୁଦ୍ର ନାରାୟଣ ସାମନ୍ତରାୟ ଓ ଅନ୍ୟ ଯୁବ ସ୍ୱେଚ୍ଛାସେବୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ମୁଖ୍ୟ ଅତିଥିଭାବେ ଟ୍ରାଫିକ ଏଡିସିପି କିଶୋର କୁମାର ପାଣିଗ୍ରାହୀ, ଭୁବନେଶ୍ୱର ଟ୍ରାଫିକ-୧ ଆଇଆଇସି ସୁରେନ୍ଦ୍ର କୁମାର ବଳ, ସିନେ ତାରକା ଓ ସାମାଜିକ କର୍ମୀ ସୁକାନ୍ତ ରଥ ପ୍ରମୁଖ ଯୋଗଦେଇଥିଲେ। କମିଶନରେଟ୍ ପୋଲିସର ତତ୍ତ୍ୱାବଧାନରେ ଫେବୃୟାରୀ ୧୮ ପର୍ଯ୍ୟନ୍ତ ଏପରି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜୟ ଓଡ଼ିଶା ପକ୍ଷରୁ ସୂଚନା ଦିଆଯାଇଛି।

## ନେତାଜୀଙ୍କ ନାଁରେ ବସ୍‌ଷ୍ଟାଣ୍ଡ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

କଟକ ଅଫିସ,୨୧।୧

ସ୍ଥାନୀୟ ଖାନନଗର ଅଞ୍ଚଳରେ ନେତାଜୀଙ୍କ ନାମରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ରାଜ୍ୟ ସରକାର ସ୍ଥିର କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ୬୫କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଜାନୁଆରୀ ୨୩ ତାରିଖ ନେତାଜୀ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୧୨ଏକର ଜମି ପରିମିତ ଅଞ୍ଚଳରେ ଏହି ବସ୍ ଟର୍ମିନାଲର ଶିଳାନ୍ୟାସ ହେବାର କାର୍ଯ୍ୟକ୍ରମ ରହିଛି। ନିର୍ମାଣ ହେବାକୁ ଥିବା ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ପରିସରକୁ ଗୁରୁବାର ଆର୍‌ଡିସି ଅନୀଲ କୁମାର ସାମଲ, ପୋଲିସ କମିଶନର ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପ୍ରତୀକ ସିଂହ, ସିଏମ୍‌ସି କମିଶନର ଅନନ୍ୟା ଦାସ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଓଡ଼ିଶା ମୋ ପରିବାର ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ ପ୍ରମୁଖ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏଠାରେ ଥିବା ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ହେଲେ ଯାତ୍ରୀମାନଙ୍କ ପାଇଁ ରହିଥିବା ସମସ୍ୟାର ସମାଧାନ ହୋଇପାରିବ। ଯାତ୍ରୀଙ୍କ ସୁବିଧା ନିମନ୍ତେ ବିଶ୍ରାମାଗାର, ବୃହତ ଟର୍ମିନାଲ ବିଲ୍ଡିଂ, ସାଧାରଣ ଯାତ୍ରୀବାହୀ ବସ୍ ପାଇଁ ସ୍ଥାନ, ଯାନ ମରାମତି ଓ ରକ୍ଷଣାବେକ୍ଷଣ ବ୍ଲକ, ୪ଚକିଆ ଯାନ ଏବଂ ଅଟୋ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ରଖାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଅତ୍ୟାଧୁନିକ ୩ମହଲା ବିଶିଷ୍ଟ ଟର୍ମିନାଲ ବିଲ୍ଡିଂରେ ଫୁଡ୍‌କୋର୍ଟ, ଟିକଟ ଗୃହ, ଇ-ଯାନ ଚାର୍ଜିଂ ପଏଣ୍ଟ, ଛାତ ଉପରେ ବର୍ଷାଜଳ ସଂରକ୍ଷଣ, ସୌର ପ୍ୟାନେଲ ବ୍ୟବସ୍ଥା କରାଯିବା ସହିତ ଏକକାଳୀନ ୧୮୦ଟି ବସ୍ ପାର୍କିଂର ବ୍ୟବସ୍ଥା ହେବାକୁ ସ୍ଥିର ହୋଇଛି।

## ୪୦୦ ଲିଟର ଦେଶୀ ମଦ ଜବତ: ୨ ଗିରଫ

ବାଙ୍କୀ,୨୧।୧(ସ୍ୱ.ପ୍ର.)

ବାଙ୍କୀ ଅବକାରୀ ବିଭାଗ ପକ୍ଷରୁ ବାଙ୍କୀ-କଟକ ରାସ୍ତା ଖମାରଙ୍ଗ ନିକଟରୁ ଗୁରୁବାର ଏକ କାର ସହ ୪୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ଆଠଗଡ଼ ବ୍ଲକ ବାସୁଦେବପୁର ସିଠଳ ଅଞ୍ଚଳର ଅଧୀର ନାୟକ (୨୭) ଓ ପ୍ରହଲ୍ଲାଦ ପାତ୍ର (୩୧)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏସ୍‌ଆଇ ତେଲେଫର ଲାକ୍ରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ବାଙ୍କୀ ଅବକାରୀ ଏଏସ୍‌ଆଇ ଦୀପକ କୁମାର ସାମଲ, କନଷ୍ଟେବଲ ସଞ୍ଜୟ କୁମାର ରାଉତ, ସନ୍ତୋଷ କୁମାର ମହାରଣା, ବିଶ୍ୱନାଥ ସୋରେନ ଓ ଗୀତାଞ୍ଜଳି ବେଉରା ପ୍ରମୁଖ ଉପସ୍ଥିତ ଥିଲେ।


ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ କଟକ ଓଡ଼ିଆ ବଜାରସ୍ଥିତ ତାଙ୍କ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଲୋକମାଳାରେ ସଜାଯାଇଛି।

# ମୁଖ୍ୟ ସୁପାରିକିଲର ପୁରୀରୁ ଗିରଫ

**ସାମନ୍ତରାପୁର ମିଠା ଦୋକାନୀ ହତ୍ୟା ଘଟଣା**

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ସାମନ୍ତରାପୁରରେ ମିଠା ଦୋକାନୀ ପ୍ରଭାକର ସାହୁ ଓରଫ ଜମ୍ମୁଙ୍କୁ ହାଣି ହତ୍ୟା ଘଟଣାରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ ତଥା ସୁପାରିକିଲରଙ୍କୁ ଲିଙ୍ଗରାଜ ଥାନା ପୋଲିସ ପୁରୀରୁ ଗିରଫ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ମଣ୍ଡାସାହିର ବିଶ୍ୱଜିତ ବହିଆ ଓରଫ ବାପୁନ୍(୨୧)। ସେ ସାମନ୍ତରାପୁର ବରୁଣେଶ୍ୱର ଲେନ୍‌ରେ ଘର ଭଡାନେଇ ରହୁଥିବାବେଳେ ଜମ୍ମୁଙ୍କୁ ହତ୍ୟା କରିବା ପାଇଁ ୧ ଲକ୍ଷ ଟଙ୍କା ସୁପାରି ନେଇଥିଲେ। ଅକ୍ଟୋବର ୪ରେ ୨ ସହଯୋଗୀଙ୍କ ସହ ମିଶି ଜମ୍ମୁକୁ ଦିନଦ୍ୱିପ୍ରହରରେ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରିଥିଲେ। ତେବେ ଏହାକୁ ମିଶାଇ ଏହି ମାମଲାରେ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି।

ସୂଚନା ମୁତାବକ, ସାମନ୍ତରାପୁର ଛକରେ ଥିବା ବଳରାମ ସୁଇଟ୍ସରେ ଜମ୍ମୁ ମିଠା କାରିଗର ଭାବେ ଦୀର୍ଘଦିନ ଧରି କାମ କରୁଥିଲେ। ତାଙ୍କ ହାତ ତିଆରି ମିଠାର ଭଲ ଡିମାଣ୍ଡ ଥିଲା। ମାତ୍ର ପରେ ଜମ୍ମୁ ଉକ୍ତ ଦୋକାନ ଛାଡ଼ି ନିକଟରେ ଅସ୍ଥାୟୀ ଦୋକାନ ଖୋଲିଥିଲେ। ଫଳରେ ବଳରାମ ସୁଇଟ୍ସର ବେପାର ମାନ୍ଦା ହୋଇଯାଇଥିଲା। ଫଳରେ ବଳରାମ ସୁଇଟ୍ସର ମାଲିକ ବଳରାମ ବେହେରା ଓ ତାଙ୍କ ପରିବାର ପକ୍ଷରୁ ଜମ୍ମୁକୁ ସେଠାରୁ ହଟିଯିବା ପାଇଁ ଧମକ ଦିଆଯିବା ସହ ଆକ୍ରମଣ କରାଯାଇଥିଲେ ମଧ ସେ କିଛି ଶୁଣି ନ ଥିଲେ। ତେଣୁ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ବଳରାମ ପରିବାର ଲୋକେ ଯୋଜନା କରିଥିଲେ। ଏଥିପାଇଁ ସୁପାରିକିଲର ବିଶ୍ୱଜିତ ବଳରାମ ପରିବାରଠାରୁ ଅକ୍ଟୋବର ୧ରେ ଲକ୍ଷେ ଟଙ୍କା ସୁପରିନେଇଥିଲେ। ଏଥିରୁ ୪୦ହଜାର ଟଙ୍କା ଦୁଇ ସହଯୋଗୀଙ୍କୁ ଦେଇ ୩ଜଣ ମିଶି ଜମ୍ମୁଙ୍କୁ ହତ୍ୟା କରିଥିଲେ। ଏହି ବହୁ ଚର୍ଚ୍ଚିତ ହତ୍ୟା ମାମଲାକୁ ପୋଲିସ ଗୁରୁତ୍ୱର ସହ ନେଇ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ହତ୍ୟା ଷଡ଼ଯନ୍ତ୍ରରେ ସାମିଲ୍ ଥିବା ୫ଜଣ ଅଭିଯୁକ୍ତଙ୍କୁ ପୁରୀରୁ ଗିରଫ କରାଯାଇଥିଲା। ସେମାନେ ହେଲେ, ଶିଶୁପାଳଗଡ଼ ଦୋଳବେଡ଼ା ସାହି ବାସିନ୍ଦା ତଥା ବଳରାମ ସୁଇଟ୍ସ ମାଲିକ ବଳରାମ ବେହେରା(୭୪), ପୁଅ ଦିଲୀପ ଓରଫ ଦିଲୁ ଓ ତାଙ୍କ ସ୍ତ୍ରୀ ସସ୍ମିତା। ଏମାନଙ୍କୁ ଲୁଚାଇ ରଖିଥିବା ଅଭିଯୋଗରେ ପୋଲିସ ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳର ବିଶ୍ୱଜିତ ବାରିକ ଓ ଭୁବନେଶ୍ୱର ଭୀମଟାଙ୍ଗୀର ରଶ୍ମିରଞ୍ଜନ ବାରିକଙ୍କୁ ଗିରଫ କରଥିଲା। ପରେ ଦିଲୀପଙ୍କ ପୁଅ ରାଜକୁମାର ପୋଲିସ ଏନ୍‌କାଉଣ୍ଟର ଭୟରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏଥିସହ ୨ ସହଯୋଗୀ ସୁପାରିକିଲରଙ୍କୁ ପୋଲିସ ଗିରଫ କରିବାପରେ ଫେରାର ବିଶ୍ୱଜିତଙ୍କୁ ମଧ ପୁରୀରୁ ବୁଧବାର ଗିରଫ କରାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୨୨/୨୦୨୧ Bhubaneswar, Friday, January 22/ 2021

# ସ୍ନୋ ଗେମ୍ସରେ ଭାଗନେବେ ରଞ୍ଜିତା



ଆଲ୍‌ପାଇନ୍ ସ୍କି ଅଭ୍ୟାସ ଅବସରରେ ରଞ୍ଜିତା ବେହେରା।

**ଭୁବନେଶ୍ୱର, ୨୧।୧(କ୍ରୀଡ଼ା ପ୍ରତିନିଧି)**

ତୁଷାରପାତ ବିଶିଷ୍ଟ ରାଜ୍ୟ ଭାବେ ପରିଗଣିତ ହେଉ ନ ଥିଲେ ହେଁ ଓଡ଼ିଶା ସ୍ନୋ ଏବଂ ଆଇସ୍ ସ୍ପୋର୍ଟ୍ସ ପ୍ରତି ଆଗ୍ରହ ଦେଖାଇଛି। ରାଜ୍ୟର 'ସ୍ନୋ ଗର୍ଲ' ଭାବେ ପରିଚିତ ରଞ୍ଜିତା ବେହେରାଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଇ ସରକାର ଏ ଦିଗରେ ଏକପାଦ ଆଗକୁ ବଢ଼ିଛନ୍ତି। ଜମ୍ମୁ-କଶ୍ମୀରର ଗୁଲମାର୍ଗଠାରେ ଫେବୃୟାରୀ ୧୯ରୁ ୨୫ ପର୍ଯ୍ୟନ୍ତ ଦ୍ୱିତୀୟ ଖେଲୋ ଇଣ୍ଡିଆ ଜାତୀୟ ୱିଣ୍ଟର ଗେମ୍ସ ଅନୁଷ୍ଠିତ ହେବ। ଏହାର ଆଲ୍‌ପାଇନ୍ ସ୍କି ଇଭେଣ୍ଟରେ ଭାଗନେବେ ଓଡ଼ିଶାର ରଞ୍ଜିତା। ଏହା ବ୍ୟତୀତ ସେ ରାଜ୍ୟର ଏକମାତ୍ର ସ୍କିଅର ଭାବରେ ଭାରତୀୟ ସ୍କି ଓ ସ୍ନୋବୋର୍ଡ ପକ୍ଷରୁ ଆସନ୍ତା ସିନିୟର ଜାତୀୟ ସ୍କି ଓ ସ୍ନୋବୋର୍ଡ ଚାମ୍ପିୟନଶିପ୍‌ରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପ୍ରତିଯୋଗିତା ଉତ୍ତରାଖଣ୍ଡରେ ଫେବୃୟାରୀ ୨୬ରୁ ୨୮ ପର୍ଯ୍ୟନ୍ତ ଆୟୋଜିତ ହେବ। ଓଡ଼ିଶାର ପ୍ରଥମ ସ୍କିଅର ଭାବରେ ଆଗାମୀ ୨ଟି ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବାରୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି। ପ୍ରତିଯୋଗିତା ପୂର୍ବରୁ ବରଫ ସ୍ଥାନରେ ଥିବା ଭିତ୍ତିଭୂମିରେ ଅଭ୍ୟାସ ପାଇଁ ସେ ପ୍ରସ୍ତୁତ ହୋଇଛନ୍ତି।

ଦୁଃସାହସିକ କ୍ରୀଡ଼ା ପ୍ରତି ପ୍ରବଳ ଆଗ୍ରହ ରଞ୍ଜିତାଙ୍କୁ ଗ୍ରାଜୁଏଶନ ପରେ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର ଟ୍ରେନିଂ ପାଇଁ ପ୍ରେରିତ କରିଥିଲା। ୨୦୧୬ରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ରଥମ ବିଜୁ ପଟ୍ଟନାୟକ ହିମାଳୟାନ ଏକ୍ସପେଡିଶନରେ ରୁଦୁଗାଇରା ପର୍ବତାରୋହଣ କରିଥିବା ଅଭିଯାତ୍ରୀଙ୍କ ମଧ୍ୟରେ ରଞ୍ଜିତା ସାମିଲ ଥିଲେ। ଏଥିରେ ସେ ଭାରତୀୟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ମାଉଣ୍ଟେନେରିଂ ଓ ସ୍ନୋ ସ୍କିଂ ପାଇଁ ଉଦ୍ଦିଷ୍ଟ କୋର୍ସକୁ ସଫଳତାର ସହ ଶେଷ କରିଥିଲେ। ଏହା ବ୍ୟତୀତ ସେ ହିମାଳୟରେ ଥିବା ଆମେରିକାର ସମ୍ମାନଜନକ ନ୍ୟାଶନାଲ ଆଉଟଡୋର ଲିଡରଶିପ୍ ସ୍କୁଲ ଟ୍ରେନିଂ ଆରେନାରେ ଟ୍ରିପ୍ ଇଣ୍ଡିଆ ଲିଡର ଏବଂ ୱାଇଲ୍ଡରନେସ ଫାର୍ଷ୍ଟ ରେସ୍ପଣ୍ଡର କୋର୍ସ କରିଥିଲେ।



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ରଞ୍ଜିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଆଗାମୀ ଦୁଇଟି ସମ୍ମାନଜନକ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବାରୁ ରଞ୍ଜିତାଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ''ପ୍ରଥମ ଓଡ଼ିଆ ଭାବେ ରଞ୍ଜିତା ସ୍ନୋ ଗେମ୍ସରେ ଭାଗନେବାକୁ ଯୋଗ୍ୟ ବିବେଚିତ ହେବା ଆମ ପାଇଁ ଗର୍ବର ମୁହୂର୍ତ୍ତ। ଓଡ଼ିଶା ପରିବେଶରେ ବଢ଼ି ଏପରି ସଫଳତା ପାଇବା ଛୋଟ କଥା ନୁହେଁ। କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି। ଜଣେ ସ୍କିଅର ହେବା ପାଇଁ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ପ୍ରଶଂସନୀୟ। ସେ ପଦକ ହାସଲ କରିବା ପାଇଁ ଯାହା

### ଓଡ଼ିଶାର ପ୍ରଥମ

କିଛି ସହଯୋଗ ଆବଶ୍ୟକ ଯୋଗାଇ ଦିଆଯିବ। ସ୍କିଂ ସ୍ପୋର୍ଟ୍ସକୁ ନେଇ ସ୍ୱପ୍ନ ଦେଖୁଥିବା ଯୁବ ଖେଳାଳିଙ୍କ ପାଇଁ ସେ ଏକ ପ୍ରେରଣା'' ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ତୁଷାରପାତ ହେଉଥିବା ରାଜ୍ୟରେ ପ୍ରତିକୂଳ ପରିବେଶରେ ରହି ସ୍ନୋ ସ୍ଲୋପ୍ସରେ ନିଜକୁ ପ୍ରସ୍ତୁତ କରିବା ପାଇଁ ନିଃସର୍ତ୍ତ ସହଯୋଗ ଯୋଗାଇ ଦେଇଥିବା କ୍ରୀଡ଼ା ବିଭାଗର କର୍ମକର୍ତ୍ତା, ମେଣ୍ଟର ଏବଂ ଶୁଭେଚ୍ଛୁଙ୍କୁ ରଞ୍ଜିତା ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର 'ସି' ସାର୍ଟିଫିକେଟଧାରୀ ରଞ୍ଜିତାଙ୍କ ଘର ଇସ୍ପାତ ସହର ରାଉରକେଲା। ମା' ଅନ୍ନପୂର୍ଣ୍ଣା ଏବଂ ବାପା ରଘୁନାଥ ବେହେରାଙ୍କର ସେ ହେଉଛନ୍ତି କନିଷ୍ଠା କନ୍ୟା। ତାଙ୍କ ବାପା ହେଉଛନ୍ତି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଜଣେ ଅବସରପ୍ରାପ୍ତ କର୍ମଚାରୀ।

# ରେଫରି ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ

**ଭୁବନେଶ୍ୱର, ୨୧।୧(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କାଟେଗୋରି-୫ ରେଫରି ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାର ଆରମ୍ଭ ହୋଇଛି। ଏହାକୁ ଫାଓର କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ବିଭିନ୍ନ ଜିଲାରୁ ୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଚଳିତମାସ ୩୦ ତାରିଖ ସୁଦ୍ଧା ୩ ପର୍ଯ୍ୟାୟ ବିଶିଷ୍ଟ କାର୍ଯ୍ୟକ୍ରମ ଶେଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ମତ ଦେବାକୁ ଯାଇ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା କହିଛନ୍ତି ଯେ, ''ରାଜ୍ୟ କ୍ରୀଡ଼ା ବିଭାଗର ଏହା ଏକ ବଡ଼ ପଦକ୍ଷେପ। ବିଶେଷ କରି ସକ୍ରିୟ ଫୁଟବଲରୁ ଦୂରେଇ ଯାଇଥିବା ଖେଳାଳିଙ୍କ ପାଇଁ ଏହା ବହୁତ ଉପାଦେୟ ସାବ୍ୟସ୍ତ ହେବ''। କର୍ଣାଟକର ଜି, ମୂର୍ତ୍ତୀ, ପଶ୍ଚିମବଙ୍ଗର ପିଜୁସ ବିଶ୍ୱାସ, ଓଡ଼ିଶାର ସୁଶାନ୍ତ ଚନ୍ଦ୍ର ମହାନ୍ତି ଇନ୍‌ଷ୍ଟ୍ରକ୍ଟର ଭାବେ ଏହି କୋର୍ସ ପରିଚାଳନା କରୁଛନ୍ତି। ଫାଓର ରେଫରି ବିଭାଗ ମୁଖ୍ୟ ଦୁର୍ଗା ମାଧବ ନାଏକ ସଂଯୋଜକ ଦାୟିତ୍ୱ ତୁଲାଉଛନ୍ତି। ଉଦ୍‌ଘାଟନୀ ଅବସରରେ ରାଜ୍ୟ କ୍ରୀଡ଼ା ବିଭାଗର ଟେକ୍ନିକାଲ ସେଲ୍ ସଦସ୍ୟ ତଥା ବରିଷ୍ଠ କୋଚ୍ ରାଜେନ୍ଦ୍ର ପାଣି ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ, ଏହାର ପ୍ରଥମ ପର୍ଯ୍ୟାୟ ଗତ ୧୬ ତାରିଖରେ ଆରମ୍ଭ ହୋଇଥିଲା। କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ଏହାର ଶୁଭାରମ୍ଭ କରିଥିଲେ। ଅବସରପ୍ରାପ୍ତ ପୂର୍ବତନ ଖେଳାଳିଙ୍କ ପାଇଁ କୋଚ୍‌ଭାବେ ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଏହା ସୁବର୍ଣ୍ଣ ସୁଯୋଗ ଆଣିଛି।




କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଫୁଟ୍‌ବଲ ରେଫ୍‌ରି ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଭାଗ ନେଇଥିବା ପୂର୍ବତନ ଖେଳାଳିମାନେ ଇନ୍‌ଷ୍ଟ୍ରକ୍ଟର ଓ ଅତିଥିଙ୍କ ସହ।

## ଜାତୀୟ କ୍ୟାମ୍ପରେ ଓଡ଼ିଶାର ୫

**ଭୁବନେଶ୍ୱର, ୨୧।୧(କ୍ରୀଡ଼ା ପ୍ରତିନିଧି):** ୨୦୨୨ ଏଏଫସି ୨୦ ବର୍ଷରୁ କମ୍ ମହିଳା ଫୁଟବଲ ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ଜାମସେଦପୁରରେ ଫେବୃୟାରୀ ୫ରୁ ଭାରତୀୟ ଦଳର କ୍ୟାମ୍ପ ଆରମ୍ଭ ହେବ। ଏହି କ୍ୟାମ୍ପରେ ଓଡ଼ିଶାର ୫ ଖେଳାଳି ସ୍ଥାନ ପାଇଛନ୍ତି। ଏହି ଖେଳାଳିମାନେ ହେଲେ ମଞ୍ଜୁ ଗଞ୍ଜୁ, ସୁମିତା ତନ୍ତି (ଉଭୟେ ସୁନ୍ଦରଗଡ଼ କ୍ରୀଡ଼ା ଛାତ୍ରାବାସ), ବନ୍ୟା କବିରାଜ (ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ), ଜ୍ୟୋତି କୁମାରୀ ଓ ନିକିତା ବିଶି(କଟକ ସାଇ-ଏସ୍‌ଟିସି)। ଏହା ବ୍ୟତୀତ ଏଏଫସି 'ବି' ଲାଇସେନ୍ସପ୍ରାପ୍ତ କୋଚ୍ ଗୀତାଞ୍ଜଳି ଖୁଣ୍ଟିଆ ଏହି କ୍ୟାମ୍ପରେ ସହକାରୀ କୋଚ୍ ଦାୟିତ୍ୱ ବହନ କରିବେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ଆସୋସିଏଶନର ଅନ୍ୟ ସଦସ୍ୟମାନେ ଗୀତାଞ୍ଜଳି ଏବଂ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## 'ଜାତୀୟ ଦଳଗୁଡ଼ିକର ଆୟୋଜକ ହେବା ଗର୍ବର ବିଷୟ'

**ଭୁବନେଶ୍ୱର,୨୧।୧(ସ୍ପୋର୍ଟ୍ସ ବ୍ୟୁରୋ)**

୧୬ ଓ ୧୯ ବର୍ଷରୁ କମ୍ ଭାରତୀୟ ଦଳଗୁଡିକର ଆୟୋଜକ ହେବା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ କହିଛନ୍ତି। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଟ୍ୱିଟ୍ଟି ଚାଟ୍‌ରେ ଯୋଗ ଦେଇ ସେ ଏହା କହିଛନ୍ତି। ଏହି ଚାଟ୍‌ରେ ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶଲ ଦାସ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସ୍ୱତନ୍ତ୍ର ସଚିବ ଆର. ଭିନୀଲ କ୍ରିଷ୍ଣା ମଧ୍ୟ ଯୋଗ ଦେଇଥିଲେ।

ଯୁବ ଫୁଟବଲରମାନେ ୨୦୨୭ ଏଏଫ୍‌ସି ଏସିଆନ କପ୍‌ରେ ଭାରତ ତରଫରୁ ପ୍ରତିନିଧିତ୍ୱ କରନ୍ତୁ ବୋଲି ବିଶାଲ ଆଶାପ୍ରକାଶ କରିଛନ୍ତି। ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ ଭାରତ ତା'ର ବିଡ୍ ଦାଖଲ କରିସାରିଛି।

୧୬ ଓ ୧୯ ବର୍ଷରୁ କମ୍ ଜାତୀୟ ଦଳଗୁଡିକ ପାଇଁ ମ୍ୟାଚ୍ ଆୟୋଜନ କରିବା ଆମ ପାଇଁ ଗୌରବର ବିଷୟ ହୋଇଛି। ଆମ ଗ୍ରାଉଣ୍ଡରେ ଖେଳିଥିବା ଫୁଟବଲରମାନେ ବିଭିନ୍ନ ସମ୍ମାନଜନକ ଟୁର୍ନାମେଣ୍ଟରେ ଦେଶ ପାଇଁ ଖେଳିବା ନିଶ୍ଚିତ ଭାବେ ଗର୍ବ ବିଷୟ। ୨୦୨୬ ଫିଫା ବିଶ୍ୱକପ୍ ଓ ୨୦୨୭ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାୟର୍ସ ଉପରେ ଆମେ ନଜର ରଖିଛୁ। ଏହି ବିଶ୍ୱସ୍ତରୀୟ ଇଭେଣ୍ଟଗୁଡିକରେ ଆମ ଖେଳାଳିମାନେ ପ୍ରତିନିଧିତ୍ୱ କରି ଭଲ ପ୍ରଦର୍ଶନ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଆମ ରାଜ୍ୟର ଫୁଟବଲରମାନଙ୍କୁ ମଧ୍ୟ ଏହା ମଞ୍ଚ ପ୍ରଦାନ କରିବ। ଏହି ପ୍ଲାଟଫର୍ମରେ ଆମ ଖେଳାଳିମାନେ ସେମାନଙ୍କ ଦକ୍ଷତା ଓ କୌଶଳ ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ନିଜର ପ୍ରତିଭା ବଳରେ ରାଜ୍ୟରୁ ଅଧିକ ସଂଖ୍ୟାରେ ଫୁଟବଲର ଜାତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରନ୍ତୁ ଆମେ ଚାହୁଁଛୁ। ଏହି ୧୬ ଓ ୧୯ ବର୍ଷରୁ କମ୍ ଟୁର୍ନାମେଣ୍ଟଗୁଡିକ ରାଜ୍ୟ ଖେଳାଳିଙ୍କୁ ସୁଯୋଗ ପ୍ରଦାନ କରିବ ବୋଲି ସେ କହିଛନ୍ତି।

ସେହିପରି ଓଡ଼ିଶାରେ ଫୁଟବଲର ଲୋକପ୍ରିୟତାରେ ଯଥେଷ୍ଟ ବୃଦ୍ଧି ଘଟିଛି ବୋଲି କ୍ରିଷ୍ଣା କହିଛନ୍ତି। ଭବିଷ୍ୟତରେ ଜାତୀୟ ଫୁଟବଲରେ ଓଡ଼ିଶା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ଏଥିପାଇଁ ରାଜ୍ୟରେ ଭିତ୍ତିଭୂମି ସ୍ଥାପନ କରାଯିବା ସହ ଏଥିରେ ଉନ୍ନତି ମଧ୍ୟ ହୋଇଛି। ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍ ପରେ ଆମକୁ ଏଏଫ୍‌ସି ଏସିଆନ୍ କପ୍ ଆୟୋଜନ କରିବାର ଅଧିକାର ମିଳିଛି। ଏହି ମେଗା ଇଭେଣ୍ଟଗୁଡିକର ଆୟୋଜନରେ ଆମେ ସଫଳ ହେବୁ। ରାଜ୍ୟରେ ଫୁଟବଲର ଲୋକପ୍ରିୟତା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ତେଣୁ ଭବିଷ୍ୟତରେ ଓଡ଼ିଶା ଫୁଟବଲର ପେଣ୍ଠସ୍ଥଳୀ ହୋଇପାରିବ ବୋଲି କ୍ରିଷ୍ଣା କହିଛନ୍ତି।

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଓ ୨୦୨୨ରେ ଏଏଫ୍‌ସି ମହିଳା ଏସିଆନ କପ୍ ଆମେ ଆୟୋଜନ କରିବା ନିଶ୍ଚିତ ହୋଇଛି। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏହି ସମ୍ମାନଜନକ ଟୁର୍ନାମେଣ୍ଟର ଅନ୍ୟତମ ଆୟୋଜକ ସହର ବିବେଚିତ ହୋଇଛି। ଭୁବନେଶ୍ୱରରେ ମଧ୍ୟ କାତାର ବିପକ୍ଷ ବିଶ୍ୱକପ୍ କ୍ୱାଲିଫାୟର ମ୍ୟାଚ୍ ଆୟୋଜନ କରାଯିବ। ଭବିଷ୍ୟତରେ ଭାରତୀୟ ଫୁଟବଲ ପାଇଁ ଓଡ଼ିଶା ଏକ ହବ୍ ବା ପେଣ୍ଠସ୍ଥଳୀ ହେବ ବୋଲି କୁଶଲ ଆଶା ପ୍ରକାଶ କରି କହିଛନ୍ତି।

## ଏଟିକେ ମୋହନବାଗାନ ବିଜୟୀ

**ମାର୍ଗାଓ, ୨୧।୧ (ପି.ଟି.):** ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଏକ ମ୍ୟାଚରେ ଏଟିକେ ମୋହନବାଗାନ ବିଜୟ ଲାଭ କରିଛି। ଦଳ ଚେନ୍ନାଇନ ଏଫ୍‌ସିକୁ ୧-୦ ଗୋଲରେ ପରାସ୍ତ କରଇଛି। ଅଷ୍ଟ୍ରେଲୀୟ ଫରୱାର୍ଡ ଡେଭିଡ ୱିଲିୟମ୍ସ (୯୦+୧) ଷ୍ଟପେଜ ଟାଇମ୍‌ରେ ଏହି ଗୋଲଟିକୁ ସ୍କୋର କରିଥିଲେ। ଗୁରୁବାର ଏହି ବିଜୟ ଦ୍ୱାରା ଏଟିକେ ମୋହନବାଗାନର ପଏଣ୍ଟ ସଂଖ୍ୟା ୭ ବିଜୟ, ୩ ଡ୍ର ଏବଂ ୨ ପରାଜୟ ସହ ମୋଟ ୨୪ ପଏଣ୍ଟ ପାଇ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ମୁମ୍ବାଇ ସିଟି ୧୧ଟି ମ୍ୟାଚ ଖେଳି ୮ ବିଜୟ ୨ ଡ୍ର ଏବଂ ୧ ପରାଜୟରୁ ୨୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଚେନ୍ନାଇନ ଏଫ୍‌ସି ୧୩ଟି ମ୍ୟାଚରୁ ୧୫ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛି।




# ଶଶାଙ୍କ, ଆୟୁଷଙ୍କ ଶତକ, ଶ୍ରେଷ୍ଠଙ୍କୁ ୬



ଆୟୁଷ ମିଶ୍ର



ଶଶାଙ୍କ ରୁଙ୍ଗଟା



ଶ୍ରେଷ୍ଠ ସିଂ

### ଓସିଏ ଆନ୍ତଃଜିଲା ୧୯ ବର୍ଷରୁ କମ୍ କ୍ରିକେଟ

**ଭୁବନେଶ୍ୱର, ୨୧।୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ୬ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଗୋଳ, ଭୁବନେଶ୍ୱର 'ଏ', କଟକ 'ଏ', 'ବି', କେନ୍ଦ୍ରାପଡ଼ା ଓ ସମ୍ବଲପୁର ବିଜୟ ହାସଲ କରିଛନ୍ତି।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ଅନୁଗୋଳ ୧୨୬ ରନରେ ସୋନପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଅନୁଗୋଳ ୨୫୯ ରନ କରିଥିବାବେଳେ ସୋନପୁର ୧୩୩ରେ ଅଲଆଉଟ ହୋଇଥିଲା। ଅନୁଗୋଳର ରାକେଶ ବିଶ୍ୱାଳ ସର୍ବାଧିକ ୭୨ ରନ କରିଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ଆୟୋଜିତ ମ୍ୟାଚରେ ଭୁବନେଶ୍ୱର-ଏ ୨୧୮ ରନରେ ଢେଙ୍କାନାଳକୁ ହରାଇ ଦେଇଛି। ଅଂଶୁମାନ ସାହୁଙ୍କ ୭୪ ଓ ସୁଦର୍ଶନ ସ୍ୱାଇଁଙ୍କ ୬୫ ରନ ସହାୟତାରେ ଭୁବନେଶ୍ୱର-ଏ ୫୦ ଓଭରରେ ୭ ଉଇକେଟ ହରାଇ ୩୦୬ ରନ କରିଥିଲା। ଜବାବରେ ଢେଙ୍କାନାଳ ୮୮ ରନକରି ଅଲଆଉଟ ହୋଇଥିଲା। ନିମପୁର କ୍ରିକେଟ ଷ୍ଟାଡିୟମରେ କଟକ-ଏ ୧୫୫ ରନରେ ବଲାଙ୍ଗୀରକୁ ହରାଇ ଦେଇଛି। କଟକ-ଏ ୫୦ ଓଭରରେ ୩ ଉଇକେଟ ହରାଇ ୩୦୫ ରନ କରିଥିଲା। ଶଶାଙ୍କ ରୁଙ୍ଗଟା (୧୦୦) ଶତକହାସଲ କରିଥିବାବେଳେ ପ୍ରିନ୍ସ ବେହେରା ୭୪ ଓ ସାଇଦୀପ ମହାପାତ୍ର ୫୯ ରନ କରିଥିଲେ। ବଲାଙ୍ଗୀର ୧୫୦ ରନକରି ଅଲଆଉଟ ହୋଇ ଯାଇଥିଲା। ସାଇଦୀପ ୪ଟି ଉଇକେଟ ନେଇଥିଲେ। ବିଓଏସ୍‌ଇ ଗ୍ରାଉଣ୍ଡ ମ୍ୟାଚରେ କଟକ-ବି ୯ ଉଇକେଟରେ ମୟୂରଭଞ୍ଜକୁ ହରାଇଛି। ମୟୂରଭଞ୍ଜ ମାତ୍ର ୫୯ ରନରେ ଅଲଆଉଟ ହୋଇଥିବାବେଳେ କଟକ-ବି ୧୫.୧ ଓଭରରେ ମାତ୍ର ୧ ଉଇକେଟ ହରାଇ ବିଜୟୀ ହୋଇଥିଲା। ବିଡ଼ାନାସୀ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କେନ୍ଦ୍ରାପଡ଼ା ୧୦୧ ରନରେ ନୂଆପଡ଼ାକୁ ହରାଇଛି। ସୌମିତ୍ର ବିଶ୍ୱାଳଙ୍କ ୫୯ ରନ ସହାୟତାରେ କେନ୍ଦ୍ରାପଡ଼ା ୨୩୬ ରନ କରିଥିଲା। ଜବାବରେ ନୂଆପଡ଼ା ୧୩୫ ରନକରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ଅମୂଲ୍ୟ ନାୟକ ଓ ସୌମିତ୍ର ବିଶ୍ୱାଳ ୪ଟି ଲେଖାଏ ଉଇକେଟ ନେଇଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ଆୟୋଜିତ ମ୍ୟାଚରେ ସମ୍ବଲପୁର ୧୯୦ ରନରେ ଦେବଗଡ଼କୁ ପରାସ୍ତ କରିଛି। ଆୟୁଷ ମିଶ୍ର(୧୩୨)ଙ୍କ ଶତକ ଏବଂ ହ୍ରିତିକ ପଟେଲ(୬୫) ଓ ପ୍ରତୀକ ପାଣ୍ଡେ(୫୫)ଙ୍କ ଅର୍ଦ୍ଧଶତକ ସହାୟତାରେ ସମ୍ବଲପୁର ୫୦ ଓଭରରେ ୭ ଉଇକେଟ ହରାଇ ୩୫୬ ରନ କରିଥିଲା। ଜବାବରେ ଦେବଗଡ଼ ୫୦ ଓଭରରେ ୯ ଉଇକେଟ ହରାଇ ୧୬୬ ରନ କରି ପାରିଥିଲା। ବିଜୟୀ ଦଳର ଶ୍ରେଷ୍ଠ ସିଂ ୧୦ ଓଭରରେ ୩୫ ରନ ଦେଇ ୬ ଉଇକେଟ ସଫଳତା ପାଇଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ନନ୍ଦଲା ହେଲା ସୁକନ୍ୟା ଗ୍ରାମ

କୃଷ୍ଣପ୍ରସାଦ, (ଡି.ଏନ.ଏ.)- ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପାରିକୁଦ ଉପଡାକଘର ଅଧୀନରେ ଥିବା କବି ଡ. ମାୟାଧର ମାନସିଂହଙ୍କ ଜନ୍ମସ୍ଥାନ ନନ୍ଦଲା ଗ୍ରାମକୁ ଡାକ ବିଭାଗ ତରଫରୁ ସୁକନ୍ୟା ଗ୍ରାମ ଘୋଷଣା କରାଯାଇଛି। ରାମଲଙ୍କା ଉପଡାକଘର ଅଧୀନ ନନ୍ଦଲା ଗ୍ରାମରେ ଗୁରୁବାର ଆୟୋଜିତ ଏକ ସଭାରେ ପୁରୀ ଉପଡାକ ମଣ୍ଡଳର ସହଡାକ ଅଧୀକ୍ଷକ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ଏହି ଘୋଷଣା କରିଛନ୍ତି। ଏହି ଅବସରରେ ସାହୁ ବେଟି ବଚାଓ ବେଟି ପଢାଓ ସ୍ଲୋଗାନ ଦେବା ସହ ସୁକନ୍ୟା ଯୋଜନା ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ରାମଲଙ୍କା ପୋଷ୍ଟମାଷ୍ଟର, ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ, ଅଧାପକ ବସନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମିଳିଲା ମହାପ୍ରଭୁଙ୍କ ଦର୍ଶନ

**ପୁରୀ ଅଫିସ,୨୧।୧**

ହଟିଛି କୋଭିଡ୍ ନେଗେଟିଭ୍ ରିପୋର୍ଟ କଟକଣା। ଦାରୁଦିଅଁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଛୁଟିଛନ୍ତି ଶ୍ରଦ୍ଧାଳୁ। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଗୁରୁବାର ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। ଗୁରୁବାର ସହଜ ଦର୍ଶନ ଆରମ୍ଭ ହୋଇଥିବାରୁ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଥିଲା। ଶ୍ରୀମନ୍ଦିର ସମ୍ମୁଖ ଓ ପ୍ରବେଶ ଦ୍ୱାରକୁ ପୁଷ୍ପମାଳାରେ ସଜା ଯାଇଥିଲା। ମାର୍କେଟ ଛକରୁ ବ୍ୟାରିକେଡ୍ ବ୍ୟବସ୍ଥା ଲାଗୁ କରାଯାଇଥିଲା। ସକାଳ ୬ରୁ ୭ଟା ପର୍ଯ୍ୟନ୍ତ ପୁରୀ ସହରବାସୀ ଦର୍ଶନ କରି ସାରିବା ପରେ ୭ଟାରୁ ମାର୍କେଟ ଛକରୁ ବ୍ୟାରିକେଡ୍‌ରେ ସାଧାରଣ ଲୋକେ ପ୍ରବେଶ କରିଥିଲେ। ଥର୍ମାଲ ସ୍କ୍ରିନିଂ କରାଯିବାପରେ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଇଥିଲା। ପୂର୍ବରୁ କିଓସ୍କୋ ଦର୍ଶନ ବ୍ୟବସ୍ଥାର ଅଂଶ ରହି ଆସିଥିଲା। ତେବେ ଗୁରୁବାର ଦର୍ଶନରେ କିଓସ୍କୋ ଦେଖିବାକୁ ମିଳି ନ ଥିଲା। କିଓସ୍କୋ ରହିବା ଫଳରେ ଦର୍ଶନରେ ବିଳମ୍ବ ହେଉଥିବା ଯୁକ୍ତି ବାଢ଼ି ପ୍ରଶାସନ ଏହାକୁ ବନ୍ଦ କରିଛି। ଦର୍ଶନାର୍ଥୀମାନେ ପ୍ରଥମେ ୨୨ପାହାଚ, ପାଟ ଅଗଣା, ସାତ ପାହାଚ, ଜୟବିଜୟ ଦ୍ୱାର ଦେଇ ଭିତରକାଠରେ ପହଞ୍ଚି ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। ଭୋର ୫ଟା ୨୫ରେ ମହାପ୍ରଭୁଙ୍କ ଦ୍ୱାର ଫିଟା ନୀତି ସମ୍ପାଦନ ହୋଇଥିଲା। ମହାପ୍ରଭୁଙ୍କ ମହାପ୍ରସାଦ ଆନନ୍ଦବଜାରରେ ସେବନ କରିବାର ସୁଯୋଗ ମିଳି ନ ଥିଲେ ମଧ୍ୟ ଆନନ୍ଦବଜାରରେ ଦିନ ତମାମ୍ ଅବଢ଼ା ବିକ୍ରି ହୋଇଛି। ଦୂରଦୂରାନ୍ତରୁ ଆସିଥିବା ଲୋକେ ଆନନ୍ଦବଜାରରୁ ଅବଢ଼ା କିଣି ଉତ୍ତର ଦ୍ୱାର ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିବା ଦୃଶ୍ୟ ସାମ୍ନାକୁ ଆସିଛି।

ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ଦର୍ଶନ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟରେ ନିୟୋଜିତ ୨୫ଜଣ କର୍ମଚାରୀ ଦିନ ତମାମ୍ ଦର୍ଶନକୁ ଶୃଙ୍ଖଳିତ କରିଥିଲେ। ସେହିଭଳି ଦର୍ଶନ ବ୍ୟବସ୍ଥା ଉପରେ ପ୍ରତିକ୍ରିୟା ନେବା ପାଇଁ ଏକ ଅସ୍ଥାୟୀ କ୍ୟାମ୍ପ ମଧ୍ୟ ସ୍ଥାପନ କରାଯାଇଥିଲା। ଉତ୍ତର ଦ୍ୱାର ଦେଇ ଫେରୁଥିବା ଶ୍ରଦ୍ଧାଳୁଙ୍କୁ ଦର୍ଶନର ଅନୁଭୂତି ଓ ବ୍ୟବସ୍ଥାରେ ଥିବା ଅସୁବିଧାକୁ ପ୍ରଶାସନକୁ ଜଣାଇବା ପାଇଁ ଅପିଲ୍ କରାଯାଇଥିଲା। ଏସ୍‌ପି କନୱର ବିଶାଲ ସିଂ କ୍ୟାମ୍ପରେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ସମର୍ଥ ବର୍ମା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର ମଧ୍ୟ ଗୁରୁବାର



ଶ୍ରୀମନ୍ଦିର ଓ ଏହାର ସମ୍ମୁଖ ଭାଗକୁ ଫୁଲରେ ସଜାଯାଇଛି।

ଦର୍ଶନ ସମୟରେ ଶ୍ରୀମନ୍ଦିର ସମ୍ମୁଖରେ ଦର୍ଶନ ବ୍ୟବସ୍ଥାର ତତ୍ତ୍ୱାବଧାନ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ପୋଲିସ ପ୍ରଶାସନ ୨୬ ପ୍ଲାଟୁନ୍ ଫୋର୍ସ ନିୟୋଜନ କରି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲା। ଦର୍ଶନ ସମୟରେ ପାନୀୟ ଜଳ, ଆମ୍ବୁଲାନ୍ସ, ଦମକଳ ବାହିନୀର ବ୍ୟାପକ ବ୍ୟବସ୍ଥା ହୋଇଥିଲା।



କୋଭିଡ୍ କଟକଣା ଉଠିବା ପରେ ଗୁରୁବାର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କୁ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି।



ମନ୍ଦିର ପ୍ରବେଶ ପୂର୍ବରୁ ଭକ୍ତଙ୍କୁ ଥର୍ମାଲ ସ୍କ୍ରିନିଂ କରାଯାଉଛି।

## ସଂକ୍ଷେପରେ

### ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବାକୁ ଦାବି

**ପୁରୀ ଅଫିସ,୨୧।୧:** ରାଜ୍ୟର ସବୁ ଧର୍ମାନୁଷ୍ଠାନ ଖୋଲିଥିବାବେଳେ ଶ୍ରୀଗୁଣ୍ଡିଚା ମନ୍ଦିର ବନ୍ଦ ରହିଛି। ଏହାକୁ ବିରୋଧ କରି ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ଏକ ଦାବିପତ୍ର ଦେଇଛି। ସଂଘର କହିବା ହେଲା, ସବୁମନ୍ଦିର ଖୋଲିଥିଲେ ମଧ ଶ୍ରୀଗୁଣ୍ଡିଚା ମନ୍ଦିର ନ ଖୋଲିବାରେ କୌଣସି ଯୁକ୍ତିଯୁକ୍ତ ତର୍କ ନାହିଁ। ଏଣୁ ଜିଲା ପ୍ରଶାସନ ତୁରନ୍ତ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ପାଇଁ ଜାରି ଏସ୍‌ଓପି ଆଧାରରେ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲନ୍ତୁ। ଅନ୍ୟପକ୍ଷରେ ଆନନ୍ଦ ବଜାରରେ ଅବଢ଼ା ସେବନ ବାରଣ ହୋଇଥିବା ହେତୁ ଶ୍ରଦ୍ଧାଳୁମାନେ ଅବଢ଼ା କିଣି ଏଣେତେଣେ ବସି ଖାଉଛନ୍ତି। ଅଳିଆ ଆବର୍ଜନା ସ୍ଥାନ ଓ ରାସ୍ତା ଉପରେ ଅବଢ଼ା ଖାଉଥିବା ହେତୁ ମହାପ୍ରସାଦର ଅପମାନ ହେଉଛି। ସାମାଜିକ ଗଣମାଧମରେ ଶ୍ରଦ୍ଧାଳୁମାନେ ଏଣେତେଣେ ଅବଢ଼ା ଖାଉଥିବା ଫଟୋ ମଧ ସୋସିଆଲ୍ ମିଡିଆରେ ଘୂରି ବୁଲୁଛି। ଏଣୁ ମନ୍ଦିର ପରିସର ମଧରେ ଅବଢ଼ା ସେବନ ପାଇଁ ପ୍ରଶାସନ ଅନୁମତି ଦିଅନ୍ତୁ ନଚେତ୍ ଏନେଇ ବିକଳ୍ପ ବ୍ୟବସ୍ଥା କରନ୍ତୁ ବୋଲି ସଂଘ ଦାବି କରିଛି।

### ୨ ଲୁଟେରା ଗିରଫ, ୧୦ ମୋବାଇଲ ଜବତ

**ପୁରୀ ଅଫିସ,୨୧।୧:** ମୋବାଇଲ ଲୁଟ୍ କରି ୩ଜଣ ଗିରଫ ହୋଇଛନ୍ତି। କୁମ୍ଭାରପଡ଼ା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଲୁଟ ହୋଇଥିବା ନେଇ ସୁଦର୍ଶନ ବାରିକ ଗତ ୧୮ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଜଟିଆ ବାବାଜୀ ଛକରେ ଦୁଇଯୁବକ ଏକ ବ୍ଲାକ୍ ପଲ୍ସରରେ ଆସି ତାଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ରାଜେଶ ନାୟକଙ୍କ ନାମକ ଜଣେ ଯୁବକଙ୍କଠାରୁ ମୋବାଇଲ ଜବତ କରିଥିଲା। ପରେ ରାଜେଶ ଉକ୍ତ ମୋବାଇଲକୁ ସତ୍ୟବ୍ରତ ହରିଚନ୍ଦନ ନାମକ ଯୁବକଙ୍କଠାରୁ କିଣିଥିବା କହିଥିଲେ। ଉକ୍ତ ତଥ୍ୟକୁ ଆଧାର କରି କୁମ୍ଭାରପଡ଼ା ଥାନା ପୋଲିସ ପଲ୍ସର ବାଇକ୍ ସହାୟତାରେ ଲୁଟ କରିଥିବା ଦୁଇ ମୁଖ୍ୟ ଅଭିଯୁକ୍ତ ସତ୍ୟବ୍ରତ ହରିଚନ୍ଦନ(୧୯) ଓ ଏସ୍.କେ. ଇସ୍ତିଆକ୍ ଅହମ୍ମଦ (୧୯)ଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ଭିନ୍ନ ଭିନ୍ନ ବ୍ରାଣ୍ଡର ମୋଟ ୧୦ଟି ସ୍ମାଟ୍ ଫୋନ୍ ଜବତ ହୋଇଛି।

### ନିଶା ନିବାରଣ ପଦଯାତ୍ରା

**ପିପିଲି,୨୧।୧(ସ୍ୱ.ପ୍ର/ଡି.ଏନ୍.ଏ):** ନିଶା ସେବନ ବର୍ଜନ ସହ ପ୍ରତିଦିନ ବ୍ୟାୟାମ କରି ଏକ ସୁସ୍ଥ ଓଡ଼ିଶା ଗଠନ ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଝାରସୁଗୁଡ଼ାର ଦୁର୍ଲଗା ଗ୍ରାମରୁ ଅଭିରାମ ଶତପଥୀ ପୁରୀ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରାରେ ବାହାରିଛନ୍ତି। ଗତ ୬ ତାରିଖରୁ ପଦଯାତ୍ରାରେ ବାହାରିଥିବା ୬୩ବର୍ଷୀୟ ଅଭିରାମ ଗୁରୁବାର ପିପିଲିରେ ପହଞ୍ଚିଛନ୍ତି। ପିପିଲିର ଦାଣ୍ଡମୁକୁନ୍ଦପୁରରେ ବିଶ୍ରାମ ନେବା ପରେ ସେ ପୁରୀ ଅଭିମୁଖେ ପଦଯାତ୍ରା କରିଛନ୍ତି। ସେ ରାତିରେ ସାକ୍ଷୀଗୋପାଳରେ ବିଶ୍ରାମ ନେବେ ଓ ୨୨ ତାରିଖରେ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚି ପଦଯାତ୍ରା ଶେଷ କରିବେ ବୋଲି କହିଛନ୍ତି। ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ କରାଯାଇଥିଲା।

### ମିଥ୍ୟା ଅଭିଯୋଗକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଗୋପ, ୨୧।୧(ଡି.ଏନ୍.ଏ):** ଗୋପ ସରପଞ୍ଚ ସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ଜଳସମ୍ପଦ ଡାକବଙ୍ଗଳାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଅକ୍ଷୟ କୁମାର ନିଶଙ୍କ କହିଛନ୍ତି, କେତେଜଣ ଅଣରାଜନୈତିକ ବ୍ୟକ୍ତିଙ୍କ ଯୋଗୁ ଗୋପ ବ୍ଲକର ସମ୍ମାନ ହାନି ହେବା ସହ ସରକାରୀ କାର୍ଯ୍ୟରେ ବାଧା ଉପୁଜୁଛି। ଜନସାଧାରଣଙ୍କ ସମସ୍ୟା ଠିକ୍ ଭାବେ ସମାଧାନ ହୋଇପାରୁନାହିଁ। ତେଣୁ ମିଥ୍ୟା ଅଭିଯୋଗକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଗତ ୧୮ ତାରିଖରେ ଜଣେ ସରପଞ୍ଚଙ୍କ ସ୍ୱାମୀ ପଞ୍ଚାୟତର ସମସ୍ୟା ସମ୍ପର୍କରେ କହିବାରୁ ବିବାଦ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତି ବିଡିଓଙ୍କ ନାମରେ ଗୋପ ଥାନାରେ ଅଭିଯୋଗ କରିବା ସହିତ ଭିଡିଓ ଭାଇରାଲ୍ କରିଥିଲେ। ପରେ ଏକ ଟିଭି ଚ୍ୟାନେଲରେ ଏହି ଅଡିଓ ଭିଜୁଆଲ୍ ପ୍ରସାରିତ ହୋଇଥିଲା। ଏହି ଘଟଣାକୁ ସରପଞ୍ଚ ସଂଘ ନାପସନ୍ଦ କରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏତଲା ଦିଆଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଲୋକପ୍ରତିନିଧିମାନେ ରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ସଭାପତି ନିଶଙ୍କ କହିଛନ୍ତି।

## 'ସେବାୟତଙ୍କୁ ପ୍ରାଥମିକ ଭିତ୍ତିରେ ଟିକା ଦିଆଯାଉ'

### ସରକାରଙ୍କୁ ସୁପାରିସ କଲା ଶ୍ରୀମନ୍ଦିର ପ୍ରଶାସନ

**ପୁରୀ ଅଫିସ,୨୧।୧**

ଶ୍ରୀମନ୍ଦିର ସେବକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ କୋଭିଡ୍ ଟିକା ପ୍ରଦାନ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ସୁପାରିସ କରିଛି ଶ୍ରୀମନ୍ଦିର ପ୍ରଶାସନ। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ମାଧ୍ୟମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ କୁମାର ବିଧିବଦ୍ଧ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟପ୍ରଶାସକ କ୍ରିଷ୍ଣନ କୁମାର ଜଣାଇଛନ୍ତି ଯେ, କୋଭିଡ୍ ନେଗେଟିଭ୍ ପ୍ରମାଣ ପତ୍ର ବିନା ଏବେ ଦର୍ଶନ ଅନୁମତି ମିଳିଛି। ଏଥିପାଇଁ ବହୁ ସଂଖ୍ୟାରେ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତିଦିନ ଶ୍ରୀମନ୍ଦିରକୁ ଆସିବେ। ଭକ୍ତଙ୍କ ସମ୍ପର୍କରେ ଆସୁଥିବା ମହାପ୍ରଭୁଙ୍କ ସେବକମାନେ କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ହେବାର ଆଶଙ୍କାକୁ ଏଡ଼ାଇ ଦିଆ ଯାଇ ନ ପାରେ। ଏଭଳି ପରିସ୍ଥିତି ହେଲେ ମହାପ୍ରଭୁଙ୍କ ନୀତିକାନ୍ତି ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହେବ। ଏଣୁ ରାଜ୍ୟସରକାର ସେବକ ଓ ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରାଥମିକତାଭିତ୍ତିରେ କୋଭିଡ୍ ଟିକା ପ୍ରଦାନ କରନ୍ତୁ ବୋଲି କୁମାର କହିଛନ୍ତି। ସେହିଭଳି ଶ୍ରୀମନ୍ଦିର ପ୍ରଶାସନ ସହ ଜଡିତ ୫ଶହ କର୍ମଚାରୀଙ୍କୁ ମଧ ଟିକା ଦେବା ପାଇଁ ସେ ପ୍ରସ୍ତାବ ରଖିଛନ୍ତି। ପୂର୍ବରୁ ଛତିଶା ନିଯୋଗ ବୈଠକରେ ଏନେଇ ଆଲୋଚନା ହେବା ପରେ ପ୍ରଶାସନ ଏଭଳି ସୁପାରିସ କରିଥିବା କ୍ରିଷ୍ଣନ କୁମାର ଜଣାଇଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟ ଶାସନ ସଚିବ



ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ଦର୍ଶନ ସାରି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଫେରୁଛନ୍ତି।

**ପୁରୀ ଅଫିସ,୨୧।୧**

ଶ୍ରୀମନ୍ଦିରରେ କୋଭିଡ୍‌କଟକଣା ମୁକ୍ତ ଦର୍ଶନ ଆରମ୍ଭ ହେବା ପରେ ଗୁରୁବାର ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ପୁରୀ ଗସ୍ତରେ ଆସି ଦର୍ଶନ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ପରିବାର ସହ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। ସପତ୍ନୀ ଦର୍ଶନ ସାରି ସୁରେଶ ମହାପାତ୍ର କହିଛନ୍ତି, ଗୁରୁବାର ପାଖାପାଖି ୩୦ରୁ ୪୦ ହଜାର ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ପ୍ରଥମ ଦିନର ଦର୍ଶନ ବ୍ୟବସ୍ଥା ବେଶ୍ ଶୃଙ୍ଖଳିତ ରହିଛି। ଦୁଇ ତିନି ଦିନ ଭକ୍ତଙ୍କ ଗହଳି ରହିବ। ପ୍ରତି ରବିବାର ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିବ। ଏହି ଦିନ ଶ୍ରୀମନ୍ଦିର ସାନିଟାଇଜ ହେବ। ଦର୍ଶନ ବ୍ୟବସ୍ଥାକୁ ନେଇ କୌଣସି ବିଶେଷ ସମସ୍ୟା ନାହିଁ। ପ୍ରଶାସନ ଉଚିତ ଦିଗରେ କାର୍ଯ୍ୟ କରୁଛି।

## ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ଯୁବକଙ୍କ ମୃତ୍ୟୁ

**ନିମାପଡା,୨୧।୧(ଡି.ଏନ.ଏ)**

ନିମାପଡ଼ା କୋର୍ଟ ପରିସରରେ ଗୁରୁବାର ସନ୍ଧ୍ୟାରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ଯୁବକଙ୍କ ଅସ୍ୱାଭାବିକ ଭାବେ ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଭଣ୍ଡି ଗ୍ରାମର ମଳୟ ରଞ୍ଜନ ଦାସ(୪୦)। ମଳୟ କୌଣସି କାମରେ କୋର୍ଟ ପରିସରକୁ ଆସିଥିଲେ। ପରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖି କୋର୍ଟ କର୍ମଚାରୀମାନେ ଥାନା ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ପହଞ୍ଚି ତାଙ୍କୁ ନିମାପଡ଼ା ଡାକ୍ତରଖାନାକୁ ନେଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ସମ୍ପର୍କରେ ମଳୟଙ୍କ ଭାଇ ମାନସ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଅପମୃତ୍ୟୁ ମାମଲା (ନଂ୨/୨୧) ରୁଜୁ କରିଛି। ମୃତ୍ୟୁର କାରଣ ଜଣାପଡିନାହିଁ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ଏହି ରିପୋର୍ଟ ମିଳିବା ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଧରାପଡ଼ିଲା ଅନିୟମିତତା: ୨୦ ଫାଇଲ ଜବତ

### ବନ୍ତଲି ପଞ୍ଚାୟତରେ କୋଟିଏ ଟଙ୍କା କାମର ତଦନ୍ତ ହେବ

**ଗୋପ, ୨୧।୧(ଡି.ଏନ୍.ଏ.)**

ଗୋପ ବ୍ଲକର ବନ୍ତଲି ପଞ୍ଚାୟତରେ ୨ଟି ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି। ଏପରି କି ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ବିଡିଓଙ୍କ ବିନା ଦସ୍ତଖତରେ ପ୍ରାୟ କୋଟିଏ ଟଙ୍କାର କାମ କରାଯାଇଥିବା ଅଭିଯୋଗ ଆସିବା ପରେ ବିଡିଓ ଦୀପ୍ତିରାଣୀ ଦାସଙ୍କ ନିର୍ଦ୍ଦେଶରେ ୨୦ଟି ଫାଇଲ୍ ସହ କ୍ୟାସବୁକ୍ ଜବତ କରାଯାଇଛି।

ପ୍ରକାଶ ଯେ, ବନ୍ତଲି ଗ୍ରାମ ପଞ୍ଚାୟତକୁ ୨୦୧୭-୧୮ ଆର୍ଥିକ ବର୍ଷଠାରୁ ୨୦୨୦-୨୦୨୧ ବର୍ଷ ପର୍ଯ୍ୟନ୍ତ ସିଏଫସି, ଏସ୍‌ଏଫ୍‌ସି ଯୋଜନାରେ ୧କୋଟି ୨୬ଲକ୍ଷ ୫୪୩ଟଙ୍କା ଆସିଥିଲା। ଏହି ୨ଟି ଯୋଜନା ପଞ୍ଚାୟତ ପାଣ୍ଠି ହୋଇଥିବାରୁ ପଞ୍ଚାୟତ ପକ୍ଷରୁ କେତେକ ସ୍ଥାନରେ ପିଇବା ପାଣି, ଜଳ ଯୋଗାଣ, ପାଚେରି ନିର୍ମାଣ ସହ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ କରାଯାଇଥିଲା। ମାତ୍ର ଏହି କାର୍ଯ୍ୟଗୁଡ଼ିକୁ ସରକାରୀ ନିୟମ ଉଲ୍ଲଂଘନ କରାଯାଇ ବିଡିଓଙ୍କ ବିନା ଦସ୍ତଖତରେ ପେମେଣ୍ଟ ଦିଆଯାଇଥିଲା। ଏପରି ଏକ ଅଭିଯୋଗ ଆସିବା ପରେ ବିଡିଓ ଦୀପ୍ତିରାଣୀ ଦାସ ଗତ ୮ତାରିଖରେ ବନ୍ତଲି ପଞ୍ଚାୟତରେ ସମୀକ୍ଷା କରିବା ଲାଗି ବ୍ଲକ ଚିଠି ନମ୍ବର ୪୦୨୧, ଗତ ୩୧ ତାରିଖରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବଗତ କରାଇଥିଲେ। ମାତ୍ର ଉକ୍ତଦିନ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପସ୍ଥିତ ରହିବା ଫଳରେ ସମୀକ୍ଷା ବନ୍ଦ ରହିଥିଲା। ପରେ ବିଡିଓ ସମସ୍ତ ଅନିୟମିତତାର ଅନୁସନ୍ଧାନ କରିବା ସହ ବୁଧବାର ୨୦ଟି ଫାଇଲ୍ ସହ କ୍ୟାସବୁକ୍ ଜବତ କରିଛନ୍ତି। କେତେକ ଫାଇଲ୍‌ରେ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ବିଡିଓଙ୍କୁ ସରପଞ୍ଚଙ୍କ ସ୍ୱାମୀ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିବା ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି। ସେହିପରି ବିଡିଓ ମୋତେ ଦୁର୍ବ୍ୟବହାର କରିବାରୁ ମୁଁ ଥାନାରେ ଏତଲା ଦେଇଛି ବୋଲି ସମ୍ପୃକ୍ତ ବ୍ୟକ୍ତି ପ୍ରକାଶ କରିଛନ୍ତି। ପୋଲିସ ଏ ନେଇ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୋପ ଥାନା ଅଧିକାରୀ ସୁଧିର କୁମାର ସାହୁ କହିଛନ୍ତି।

## ଫନୀ ସହାୟତା, ଆବାସ ଯୋଜନା ସମ୍ପର୍କରେ ତଦାରଖ

**ଡେଲାଙ୍ଗ, ୨୧।୧(ଡି.ଏନ.ଏ)**

ପୁରୀ ଜିଲାପରିଷଦର ୬ ଜଣିଆ ଗ୍ରାମାଞ୍ଚଳ ହାଉସିଂ ଷ୍ଟାଣ୍ଡିଂ କମିଟି ପକ୍ଷରୁ ଗୁରୁବାର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରାଯିବା ସହିତ ପ୍ରକୃତ ଫନୀ କ୍ଷତିଗ୍ରସ୍ତ ହିତାଧିକାରୀ ସହାୟତା ପାଇଛନ୍ତି କି ନାହିଁ ତାହା ତଦାରଖ କରିଥିଲେ। ଅନେକ ହିତାଧିକାରୀ ଘରଭଙ୍ଗା ସହାୟତାରୁ ବଞ୍ଚିତ ଥିବା ଷ୍ଟାଣ୍ଡିଂ କମିଟି ତଦାରଖ ସମୟରେ ଜାଣିବାକୁ ପାଇଥିଲା। ଅନେକ କ୍ଷତିଗ୍ରସ୍ତଙ୍କ ଆକାଉଣ୍ଟକୁ ୧୦ହଜାର ଟଙ୍କା ଲେଖାଏ ଆସିଥିବାବେଳେ ସେମାନଙ୍କ ଆକାଉଣ୍ଟକୁ ଅଚଳ କରି ରଖାଯାଇଥିବା କମିଟି ଅଧ୍ୟକ୍ଷ ଦେବାଶିଷ ନନ୍ଦ ଗଣମାଧ୍ୟମକୁ କହିଛନ୍ତି। ସରକାରଙ୍କ ଉନ୍ନତିମୂଳକ ଯୋଜନାରୁ କେହି ଯେପରି ବଞ୍ଚିତ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେଇ ଏକ ତାଲିକା ପ୍ରସ୍ତୁତି କରି ତହସିଲଦାର ରାଜେନ୍ଦ୍ରକୁମାର ଆଚାରିଆ ଏବଂ ବିଡିଓ କ୍ଷୀରୋଦ ପ୍ରଧାନଙ୍କୁ ଅବଗତ କରାଯିବ ବୋଲି ନନ୍ଦ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ, ଷ୍ଟାଣ୍ଡିଂ କମିଟିର କୈଳାସ ଚନ୍ଦ୍ର ପରିଡା, ପ୍ରହ୍ଲାଦ ଘଟୁଆରୀ, ରାଧାମଣି ପ୍ରଧାନ, ପୁଷ୍ପାଞ୍ଜଳି ସାମଲ, ସୁମିତ୍ରା ପ୍ରଧାନ, ମଳୟ ମହାନ୍ତି, ଗୀତାଞ୍ଜଳି ଦାସ, ମିଲି ବେହେରା, ସ୍ୱର୍ଣ୍ଣଲତା ପ୍ରଧାନ, ଦୀପ୍ତିମୟୀ ଦଳାଇ ପ୍ରମୁଖ ସାମିଲ ଥିଲେ।

## ପିଲାଙ୍କ ସମସ୍ୟା ବୁଝିଲେ ମନ୍ତ୍ରୀ

**ନିମାପଡ଼ା, ୨୧।୧(ଡି.ଏନ୍.ଏ)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ନିମାପଡ଼ା ବ୍ଲକ ଅନ୍ତର୍ଗତ ଖେଲାରସ୍ଥିତ ଚିନ୍ତାମଣି ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ବେଳେ ମନ୍ତ୍ରୀ ଦାଶ ଏକ ଶ୍ରେଣୀଗୃହରେ ସ୍କୁଲର ପାଠପଢା ଓ ସମସ୍ୟା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିଥିଲେ। ଏଥିସହ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହିତ ଶିକ୍ଷାଦାନ ନେଇ ଆଲୋଚନା କରିଥିଲେ। କୋଭିଡ୍ କଟକଣା ଏବଂ ଏସ୍‌ଓପି ପାଳନ ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ବିଭିନ୍ନ ସ୍କୁଲକୁ ମନ୍ତ୍ରୀଙ୍କ ଏଭଳି ଅଚାନକ ପରିଦର୍ଶନ ଯୋଗୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଅଧିକ ସକ୍ରିୟ ହୋଇଉଠିଥିବା ଆଲୋଚନା ହେଉଛି।



ମନ୍ତ୍ରୀ ସମୀର ରଞ୍ଜନ ଦାଶ ଛାତ୍ରୀମାନଙ୍କ ସହ ଆଲୋଚନା କରୁଛନ୍ତି।

## ସ୍କୁଲ ପରିସର ଅପରିଚ୍ଛନ୍ନ ଦେଖି ବିଗିଡ଼ିଲେ

### ଡେଲାଙ୍ଗରେ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷା

**ଡେଲାଙ୍ଗ/କଣାସ ୨୧।୧(ଡି.ଏନ.ଏ)**

ପ୍ରତ୍ୟେକ ଅଭିଭାବକ ନିଜ ପିଲାଙ୍କ ବିକାଶ ଓ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଶିଶୁ ସୁସ୍ଥ ରହିଲେ ସୁନ୍ଦର ସମାଜ ଗଠନ ହୋଇପାରିବ ବୋଲି ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି। ଶିଶୁଙ୍କ ପାଇଁ ସରକାର ବିଭିନ୍ନ ବିକାଶ ମୂଳକ ପଦକ୍ଷେପ ନେଉଛନ୍ତି। ଆୟୋଗ ପକ୍ଷରୁ ଶିଶୁ ସୁରକ୍ଷା ସମ୍ପର୍କ ଯାତ୍ରା ଓ ଅଭିଯୋଗ ଶୁଣାଣି ଡେଲାଙ୍ଗରେ ଗୁରୁବାରଠାରୁ ଆରମ୍ଭ ହୋଇଛି। ଡେଲାଙ୍ଗ ବ୍ଲକ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଆୟୋଗ ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ବିଡିଓ କ୍ଷୀରୋଦ ପ୍ରଧାନ, ଓଏସ୍‌ସିପିସିଆର୍ ସଦସ୍ୟ ଦିବ୍ୟାଶାଶ୍ୱତ, ବିଇଓ ନିରଞ୍ଜନ ପାତ୍ର, ମିଶନ ଶକ୍ତି ମହିଳା ମହାସଂଘ ସମ୍ପାଦିକା ବାସନ୍ତୀ ସାହୁ, ସିଡିପିଓ ହାରାମଣି ନାୟକ, ଚାଇଲ୍ଡ ଅଫିସର ମନୋଜ ତ୍ରିପାଠୀ, ଡିଏସ୍‌ପି ଇନ୍ଦ୍ରମଣି ବେହେରା ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା, ଶିଶୁ ଯତ୍ନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ କିଶୋରୀ ଓ ଶିଶୁଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହତାବ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଅଧ୍ୟକ୍ଷା ପ୍ରଧାନ ଟିମ ସହ ପରିଦର୍ଶନ ବେଳେ ସ୍କୁଲ ପାରିପାର୍ଶ୍ୱିକ ସ୍ଥିତି ଦେଖି କ୍ଷୋଭ ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିସର ତୁରନ୍ତ ସଫା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡେଲାଙ୍ଗ ଥାନାର ମହିଳା ଶିଶୁ ଡେସ୍କକୁ ଯାଇ ପରିଷ୍କାର ପରିଚ୍ଛନ୍ନତା ଦେଖି ଖୁସି ହେବା ସହିତ ଶିଶୁଙ୍କ ପାଇଁ ଖେଳନା ଓ ଫୁଲବଗିଚା କରିବାକୁ କହିଥିଲେ। ଥାନା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଅଧ୍ୟକ୍ଷା ପ୍ରଧାନ କଣାସ ଥାନା ଓ ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ। ସେ କଣାସ ଥାନାରେ ପହଞ୍ଚି ନିଖୋଜ ଶିଶୁ ଓ ଅନ୍ୟ ବ୍ୟକ୍ତିମାନଙ୍କ କାଗଜପତ୍ର ତନଖି କରିବା ସହିତ ଆଇଆଇସି ତପନ ରାଉତଙ୍କ ସହ ଆଲୋଚନା କରିଥିଲେ।

**ଜଟଣୀରେ ନିଧି ସଂଗ୍ରହ ରଥ**

ଜଟଣୀ,(ଡି.ଏନ୍.ଏ): ନିଧି ସଂଗ୍ରହ ରଥ ଗୁରୁବାର ଜଟଣୀ ନଗର ଓ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଛି। ଖୁଦୁପୁର ଛକଠାରେ ରଥକୁ ସ୍ୱାଗତ କରାଯାଇଥିଲା। ପରେ ଜଗନ୍ନାଥପୁର, ମାନପୁର(ପାତ୍ରପଡା)ସ୍ଥିତ ପୂର୍ବ ଓଡ଼ିଶା ଧନୁଯାତ୍ରା ପଡ଼ିଆ ନିକଟ ମଦନ ମୋହନ ଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଜଟଣୀ ନଗରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ସନ୍ଧ୍ୟାରେ ୮ନମ୍ବର ୱାର୍ଡର ଜଗନ୍ନାଥ ମନ୍ଦିରରେ ସନ୍ଧ୍ୟା ଆଳତି କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପା ନେତା ବିଶ୍ୱରଞ୍ଜନ ବଡଜେନା, ଭୁବନେଶ୍ୱର ଏମ୍‌ପି ପ୍ରତିନିଧି ପଦ୍ମଚରଣ ପ୍ରଧାନ, ରାଜ୍ୟ ଭାଜପା ପ୍ରବକ୍ତା ସୁଦୀପ୍ତ ରାଏ, ବିଶ୍ୱହିନ୍ଦୁ ପରିଷଦ ଖୋର୍ଦ୍ଧା ଜିଲା ସହସମ୍ପାଦକ ଅରବିନ୍ଦ ନାୟକ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ଭଲିବଲ ଟୁର୍ନାମେଣ୍ଟ : ଗୋଡିଆଳି ଟିମ୍ ଚାମ୍ପିୟନ

**ବୋଲଗଡ, ୨୧।୧(ଡି.ଏନ୍.ଏ.):** ବୋଲଗଡ ବ୍ଲକ ଅସରଳା ପଞ୍ଚାୟତ ପୁଆଣିଆ ଗ୍ରାମ ବାଲୁଙ୍କେଶର ଖେଳପଡିଆରେ ମା' ରାମଚଣ୍ଡୀ ଦିବାରାତ୍ରି ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ବିଧାୟକ ରାଜେନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଗୋଡିଆଳି ଟିମ୍ ଓ ଗଡମାଣିତୀର ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଗଡମାଣତୀର ଟିମ୍‌କୁ ହରାଇ ଗୋଡିଆଳି ଟିମ୍ ଚାମ୍ପିୟନ ହୋଇଛି। ପରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ଟିମ୍‌କୁ ଟ୍ରଫି ଓ ଅର୍ଥ ଦିଆଯାଇ ପୁରସ୍କୃତ କରାଯାଇଥିଲା। ଶ୍ୟାମାକାନ୍ତ ପଟ୍ଟନାୟକ ଓ ଅଶୋକ ମହାରଣା ଖେଳ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ।

### ଫୁଟବଲ ଟୁର୍ନାମେଣ୍ଟ : ବଳରାଜ ଫୁଟବଲ କ୍ଲବ ବିଜୟୀ

**ବୋଲଗଡ, ୨୧।୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅଧୀନ ଦେଉଳି ତୁଳସୀବେରଣା ଖେଳପଡିଆରେ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗରର ବଳରାଜ ଫୁଟବଲ କ୍ଲବ ଓ ଯାଜପୁର ଜିଲା ଧର୍ମଶାଳାର ଡିଏଫଏ ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ କେହି କାହାକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ସହାୟତାରେ ୧-୦ ଗୋଲ୍‌ରେ ବଳରାଜ ଫୁଟବଲ କ୍ଲବ ବିଜୟୀ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ନଳିନୀକାନ୍ତ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବିଜୟ କୁମାର ଗୁମାନସିଂହ ଓ ନଳିନ ବଡଜେନା ଯୋଗଦେଇଥିଲେ।

### ମହାବୀର ମନ୍ଦିର ନିର୍ମାଣ ବୈଠକ

**ବୋଲଗଡ, ୨୧।୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ଜଖଲା ମହାବୀର ଆଶ୍ରମଠାରେ ଏକ ମନ୍ଦିର ନିର୍ମାଣ ହେବ। ଏ ନେଇ ଆଶ୍ରମ ପରିସରରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମହାବୀର ଆଶ୍ରମର ମହନ୍ତ ମହାରାଜ ଦୀନବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଗ୍ରାମର ବ୍ୟକ୍ତିମାନେ ଯୋଗଦେଇ ଆଶ୍ରମର ସୁପରିଚାଳନା ଓ ନୂତନ ମନ୍ଦିର ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିପାଇଁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ଅଭିମନ୍ୟୁ ପାତ୍ର ସଭାପତି ଓ ସୀମାଞ୍ଚଳ ମହାରଣାଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୟନ କରାଯାଇଥିଲା। ଆଡ୍‌ଭୋକେଟ ରାଜକିଶୋର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

**ବ୍ରହ୍ମଗିରି,୨୧।୦୧(ଡି.ଏନ୍.ଏ):** ବ୍ରହ୍ମଗିରି ଥାନା ଅଧୀନ ନିଆଜପୁର ଗାଁ ନିକଟ ଆଣ୍ଠୁକୁଡ଼ି ଜଙ୍ଗଲରୁ ଗୁରୁବାର ଜଣେ ନିଖୋଜ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ନିଆଜପୁର ଗ୍ରାମର ବିଶ୍ୱମ୍ଭର ଦଳାଇ(୪୫) ଗତ ୨୨ ଦିନ ହେଲା ନିଖୋଜ ଥିଲେ। ତାଙ୍କ ପରିବାର ଲୋକେ ଖୋଜାଖୋଜି କରି ମଧ୍ୟ ବିଶ୍ୱମ୍ଭରଙ୍କ କୌଣସି ସନ୍ଧାନ ପାଇପାରି ନ ଥିଲେ। ଗୁରୁବାର ତାଙ୍କ ଗ୍ରାମ ନିକଟ ଆଣ୍ଠୁକୁଡି ଜଙ୍ଗଲରେ ଏକ ଗଳିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ତେବେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

### ବିଦ୍ୟୁତ୍ ବିଲ୍ ସଂଶୋଧନର ଶେଷ ତାରିଖ ୩୧

**ପିପିଲି,୨୧।୧(ସ୍ୱ.ପ୍ର/ଡି.ଏନ୍.ଏ):** ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍‌ରେ ୨ବର୍ଷ ପୂର୍ବରୁ ଥିବା ସମସ୍ତ ତ୍ରୁଟି ତଥା ଭ୍ରମ ସଂଶୋଧନ ନିମନ୍ତେ ଦରଖାସ୍ତ ଗ୍ରହଣ କରିବା ପାଇଁ ଜାନୁୟାରୀ ୩୧ ଶେଷ ତାରିଖ ରହିଛି। ଏଥିପାଇଁ ସ୍ୱତନ୍ତ୍ର ବିଦ୍ୟୁତ୍ ବିଲ୍ ସଂଶୋଧନ କ୍ୟାମ୍ପରେ ଗ୍ରାହକମାନଙ୍କ ବିଦ୍ୟୁତ ବିଲ୍‌ରେ ଥିବା ତ୍ରୁଟିର ତୁରନ୍ତ ସମାଧାନ ପୂର୍ବକ ଅବଶିଷ୍ଟ ବକେୟା ଅର୍ଥ ଆଦାୟ ପାଇଁ ପଦକ୍ଷେପ ନିଆଯାଉଛି। ନିକଟସ୍ଥ ବିଦ୍ୟୁତ କାର୍ଯ୍ୟାଳୟରେ ଏଥିପାଇଁ ସ୍ୱତନ୍ତ୍ର ଆବେଦନ ଫର୍ମ ମାଧ୍ୟମରେ ଦରଖାସ୍ତ ଦେବା ପାଇଁ ପିପିଲିର ସହକାରୀ ଯନ୍ତ୍ରୀ ଦୁର୍ଗାପ୍ରସାଦ ଦାସ ଗ୍ରାହକଙ୍କୁ ଅନୁରୋଧ କରିଛନ୍ତି।

# ପର୍ଯ୍ୟଟକଙ୍କୁ ବିମୁଖ କରୁଛି ଆବର୍ଜନା

**ଖୋର୍ଦ୍ଧା ଅଫିସ,୨୧।୧**

### ବରୁଣେଇ ପୀଠ ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ନାହିଁ



ପୀଠ ପରିସରରେ ଅଳିଆ ଆବର୍ଜନା ପଡ଼ିରହିଛି।

କକରୋନା କଟକଣା ଯୋଗୁ ଦୀର୍ଘ ୯ ମାସ ବନ୍ଦ ରହିବା ପରେ ଖୋର୍ଦ୍ଧା ଜିଲାର ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ଖୋଲିଛି। ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ବରୁଣେଇ ପୀଠରେ ଧିରେ ଧିରେ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ଏହାର ପ୍ରାକୃତିକ ମନୋରମ ପରିବେଶ, ମା' ବରୁଣେଇ ଓ କରୁଣେଇଙ୍କ ମନ୍ଦିର ଏଠାକୁ ପର୍ଯ୍ୟଟକଙ୍କୁ ଟାଣି ଆଣେ। ତେବେ ବରୁଣେଇ ପୀଠ ଚାରିଆଡ଼େ ଅଳିଆ ଆର୍ବଜନା ପଡ଼ିରହିଛି। ଫଳରେ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ଜିଲାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହୋଇଥିଲେ ମଧ୍ୟ ଏଠାକାର ସ୍ୱଚ୍ଛତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। କେବଳ ଶୌଚାଳୟକୁ ବାଦ ଦେଲେ ପର୍ଯ୍ୟଟକଙ୍କ ଲାଗି କୌଣସି ବିଶେଷ ବ୍ୟବସ୍ଥା ନାହିଁ। ପାନୀୟଜଳ ବ୍ୟବସ୍ଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପଲିଥିନ, ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ ପ୍ଲେଟ ପ୍ରଭୃତି ବରୁଣେଇ ପାଦଦେଶରେ ପଡ଼ିରହିଥିବା ଦେଖିବାକୁ ମିଳିଛି। ଫଳରେ ପରିବେଶ ଦୂଷିତ ହେଉଛି। ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳରେ ଯଦି ଏଭଳି ଅବ୍ୟବସ୍ଥା ତେବେ ଅନ୍ୟ ପର୍ଯ୍ୟଟନସ୍ଥଳ ଅବସ୍ଥା କିଭଳି ଥିବ ତାହା ଏଥିରୁ ଅନୁମାନ କରାଯାଇପାରେ ବୋଲି କଟକରୁ ସପରିବାର ଆସିଥିବା ଗଗନ ସାହୁ କହିଛନ୍ତି। ବାରିପଦାରୁ ପିକ୍‌ନିକ ଲାଗି ଆସିଥିବା ହରିହର ପ୍ରଧାନ କହିଛନ୍ତି, ଏହାର ପ୍ରାକୃତିକ ପରିବେଶ ଉପଭୋଗ କରିବାକୁ ଆମେ ଏଠାକୁ ଧାଇଁ ଆସିଛୁ। ପାହାଡ଼ରେ ବୁଲାବୁଲି ସହ ବଣଭୋଜିର ମଜା ନେବାକୁ ଆସିଛୁ। ତେବେ ବରୁଣେଇ ପୀଠରେ ପାନୀୟଜଳର କୌଣସି ବ୍ୟବସ୍ଥା ନାହିଁ। ପାଣି ପାଇପ ଅଚଳ ହୋଇପଡିଛି। ଏହାର ଉପରେ ଲତାବୁଦା ମାଡିଗଲାଣି। ଏଠାକାର ପରିବେଶ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ସ୍ଥାନୀୟ ପ୍ରଶାସନର ଅବହେଳାକୁ ସେ ଦାୟୀ କରିଛନ୍ତି। ସେହିପରି ଭୁବନେଶ୍ୱରସ୍ଥ ଏକ ଘରୋଇ କଲେଜରୁ ବୁଲିବାକୁ ଆସିଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଅନୁରୂପ ଭାବେ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବରୁଣେଇ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହୋଇଥିବା ବେଳେ ଏହାର ରକ୍ଷଣବେକ୍ଷଣା ପ୍ରତି ଗୁରୁତ୍ୱ ଦିଆଯାଉନାହିଁ ବୋଲି ଯୁବନେତା ପ୍ଲାବନ ପଟ୍ଟନାୟକ କହିଛନ୍ତି। ବରୁଣେଇ ପୀଠରର ପୁନରୁଦ୍ଧାର ଲାଗି ସେ ଦାବି କରିଛନ୍ତି। ଐତିହ୍ୟ ଗବେଷକ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ କହିଛନ୍ତି, ବରୁଣେଇ ପୀଠର ଏକ ଗୌରବମୟ ଇତିହାସ ରହିଛି। ଖୋର୍ଦ୍ଧାର ଐତିହ୍ୟ କୀର୍ତ୍ତିରାଜି ସଂରକ୍ଷଣ ଲାଗି ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ଔଷଧୀୟ ଗୁଳ୍ମ ଏବଂ ଚତୁଃପାର୍ଶ୍ୱରେ ଘେରି ରହିଥିବା ପାହାଡର ସଂରକ୍ଷଣ ନିତାନ୍ତ ଜରୁରୀ ବୋଲି ସେ କହିଛନ୍ତି।

ବରୁଣେଇ ଯିବାକୁ ପାହାଚର ଉଭୟ ପାର୍ଶ୍ୱରେ କାଠଗଣ୍ଡି ପଡ଼ିରହିଛି। ଏହାକୁ ଉଠାଯିବା ବ୍ୟବସ୍ଥା କରାଯାଉନାହିଁ। ପାନୀୟଜଳ ଷ୍ଟାଣ୍ଡପୋଷ୍ଟ ଖରାପ ଥିବାରୁ ପର୍ଯ୍ୟଟକମାନେ ବାହାରୁ ପାଣିବୋତଲ କିଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀଙ୍କୁ ପଚାରିବାରେ କହିଛନ୍ତି, କୋଭିଡ୍ କଟକଣା ଯୋଗୁ ଏହି ପୀଠ ବନ୍ଦ ଥିବାରୁ ପର୍ଯ୍ୟଟକ ଆସିବା ବନ୍ଦ ରହିଥିଲା। ଏବେ ଖୋଲିବା ପରେ ପୀଠର ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯିବ। ପାନୀୟଜଳ ସମେତ ଅନ୍ୟାନ୍ୟ ସମସ୍ୟା ଦୂର ଦିଗରେ ପଦକ୍ଷେପ ନିଆଯିବ।


ନେତାଜୀ ଜୟନ୍ତୀ ଅବ୍ୟବହିତ ପୂର୍ବରୁ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

### ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ଲୁଟ୍: ଜଣେ ଅଟକ

**କଟକ ସଦର, ୨୧।୧(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ଫୁଲନଖରା-ନିଆଳି ୬୦ନଂ. ରାଜ୍ୟ ରାଜପଥର ବଡଝରିଲୋ ନିକଟରେ ଗୁରୁବାର ବ୍ୟବସାୟୀଙ୍କଠାରୁ ୨ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୂର୍ବାହ୍ନ ୧୧ଟାରେ ପୁରୀ ଜିଲା କୋଣାର୍କ ଥାନା ଅଧୀନ କୁଣେଇ ଅଞ୍ଚଳର ତ୍ରିଲୋଚନ ସାହୁ ଓ ତାଙ୍କ ପୁଅ ଅରୁଣ କଟକ ମାଲଗୋଦାମରୁ ଜିନିଷ କିଣିବା ପାଇଁ ଏକ ଡାଲାଅଟୋରେ ଆସୁଥିଲେ। ସେମାନଙ୍କ ପାଖରେ ୨ ଲକ୍ଷ ଟଙ୍କା ଥିଲା। କୋଣାର୍କ ପଟୁ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ସେମାନଙ୍କ ପିଛା କରି ଆସିଥିଲେ। ବଡଝରିଲୋ ନିକଟ ଏକ ନିଛାଟିଆ ସ୍ଥାନରେ ଦୁର୍ବୃତ୍ତମାନେ ଉକ୍ତ ଅଟୋ ଆଗରେ ବାଇକ ରଖିଥିଲେ। ପରେ ଏକ ଭୁଜାଲିରେ ଅରୁଣଙ୍କ ବେକକୁ ଚୋଟ ମାରି ଟଙ୍କାବ୍ୟାଗ ଛଡାଇ ନେଇଥିଲେ। ପରେ ବାଇକରେ ପଳାଇ ଯିବାକୁ ଉଦ୍ୟମ କରୁଥିବାବେଳେ ପଛରେ ବସିଥିବା ଜଣେ ଦୁର୍ବୃତ୍ତଙ୍କୁ ବ୍ୟବସାୟୀ ଦ୍ୱୟ କାବୁ କରି ନେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଥାନାକୁ ନେଇଥିଲା। ଅରୁଣଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ମହିଧରପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୨/୨୧) ରୁଜୁ କରିଛି।

# ଗାଁ ଶ୍ମଶାନ ଉପରେ ପଥର ମାଫିଆଙ୍କ ଆଖି

**ଖୋର୍ଦ୍ଧା ଅଫିସ,୨୧।୧**

### କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ଖୋର୍ଦ୍ଧା ଜିଲାରେ ସରକାରୀ ଜମି, ଗ୍ରାମ୍ୟ ଜଙ୍ଗଲ ଏବଂ କାଜୁ ଜଙ୍ଗଲରୁ ପଥର ମାଫିଆମାନେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରୁଥିବାବେଳେ ଏବେ ସେମାନଙ୍କ ଲୋଲୁପ ଦୃଷ୍ଟି ଗାଁ ଶ୍ମଶାନ ଜମି ଉପରେ ପଡ଼ିଛି। ଗତ କିଛିଦିନ ହେଲା ଖୋର୍ଦ୍ଧା ନିକଟ ବ୍ରଜମୋହନପୁର ଗ୍ରାମର ଶ୍ମଶାନ ଜମିରୁ ବେଆଇନ ଭାବେ ପଥର କଟାଚାଲିଛି। ମାଫିଆ ମାନେ ପଥର କାଟି ଚାଲାଣ କରୁଥିବାରୁ ଶ୍ମଶାନ ଜମି ଏବେ ମାଟିରେ ମିଶିବାକୁ ବସିଲାଣି। କେତେକ ସ୍ଥାନରେ ୫୦ ଫୁଟରୁ ଊର୍ଦ୍ଧ୍ୱ ଗଭୀର ଗାତ ସୃଷ୍ଟି ହୋଇଛି। ମୃତଦେହ ଦାହ ଲାଗି ଗ୍ରାମବାସୀ ହଇରାଣ ହେଉଛନ୍ତି। ଗ୍ରାମବାସୀ ବେଆଇନ ପଥର ଚାଲାଣକୁ ବିରୋଧ କଲେ ମାଫିଆମାନେ ନାଲି ଆଖି ଦେଖାଉଛନ୍ତି ବୋଲି ଗୁରୁବାର ଗ୍ରାମବାସୀ ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

ପଥର ମାଫିଆଙ୍କ ଆତଙ୍କରାଜରୁ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ସହ ନୂତନ ଶ୍ମଶାନ ଜମି ଯୋଗାଇଦେବା ଲାଗି ସେମାନେ ଦାବି କରିଛନ୍ତି। ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର, ବେଗୁନିଆ, ବୋଲଗଡ଼ ଓ ଟାଙ୍ଗୀ ପ୍ରଭୃତି ଅଞ୍ଚଳରେ ଏକର ଏକର କାଜୁ ଜଙ୍ଗଲ, ଗ୍ରାମୀଣ ଜଙ୍ଗଲ, ସରକାରୀ ଜମିରୁ ପଥର କଟାଚାଲିଛି। ଫଳରେ ଜଙ୍ଗଲ ନଷ୍ଟ ହେବା ସହ ପରିବେଶ ପ୍ରତିକୂଳ ପ୍ରଭାବ ମଧ୍ୟ ପଡୁଛି। ଗୋଚାରଣ ପାଇଁ ସ୍ଥାନ ଅଭାବ ପଡ଼ିଲାଣି। ପ୍ରଶାସନ ମଧ୍ୟ ରାଜସ୍ୱ ହରାଉଛି। ତେଣୁ ପ୍ରଶାସନ ଓ ପୋଲିସ ପକ୍ଷରୁ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଷ୍ଟେଶନମାଷ୍ଟରଙ୍କ ସଂଘର ଧାରଣା

**ଜଟଣୀ, ୨୧।୧(ଡି.ଏନ୍.ଏ)**



ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ କାର୍ଯ୍ୟାଳୟର ପୂର୍ବଦିଗ ଫାଟକ ସମ୍ମୁଖରେ ଷ୍ଟେଶନମାଷ୍ଟର ସଂଘର ସଦସ୍ୟମାନେ ଧାରଣାରେ ବସିଛନ୍ତି।

ଅଖିଳ ଭାରତୀୟ ଷ୍ଟେଶନମାଷ୍ଟର ସଂଘ ପକ୍ଷରୁ ଦେଶର ୬୮ଟି ରେଳମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଅନଶନ ଓ ଧାରଣା ଦିଆଯାଇଛି । ଏହାକୁ ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ଷ୍ଟେଶନମାଷ୍ଟର ସଂଘ ସମର୍ଥନ ଜଣାଇ ୧୨ ଘଣ୍ଟିଆ ଅନଶନ ଓ ଧାରଣା ଦେଇଥିଲା। ଅଲ୍ ଇଣ୍ଡିଆ ଷ୍ଟେଶନମାଷ୍ଟର ଆସୋସିଏଶନ ଖୋର୍ଦ୍ଧାରୋଡ ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଖୋର୍ଦ୍ଧାରୋଡ ରେଳମଣ୍ଡଳ କାର୍ଯ୍ୟାଳୟର ପୂର୍ବଦିଗ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା।

ସୂଚନା ମୁତାବକ, ୪୩, ୬୦୦ରୁ ଅଧିକ ଟଙ୍କାର ମୂଳ ବେତନଧାରୀଙ୍କୁ ରାତ୍ରୀକାଳୀନ ଭତ୍ତା ଦିଆ ନ ଯାଇ ସିଲିଂ ବ୍ୟବସ୍ଥା ଲାଗୁ କରାଯାଇଛି। ଫଳରେ କର୍ମଚାରୀମାନେ ପ୍ରତି ମାସରେ ବେତନରେ କ୍ଷତି ସହୁଛନ୍ତି। ରେଲୱେ ବୋର୍ଡ ଚିଠି ସଂଖ୍ୟା-ଆର୍‌ବିଇ ନଂ-୮୩/୨୦୨୦, ତା-୨୯-୦୯-୨୦୨୦ ଅନୁଯାୟୀ ସମସ୍ତ ଷ୍ଟେଶନ ମାଷ୍ଟରଙ୍କ ସହିତ ବିଭିନ୍ନ ବିଭାଗର କର୍ମଚାରୀ ସେମାନଙ୍କ ରାତ୍ରୀକାଳୀନ ଭତ୍ତା ସିଲିଂ ସହିତ ଓଭର ପେମେଣ୍ଟ ରିକଭରି ଆଦେଶ ସୂଚନା ପାଇବା ପରେ ଏହାର ଘୋର ବିରୋଧ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ଏଆଇଏମ୍‌ସା ପକ୍ଷରୁ ଖୋର୍ଦ୍ଧାରୋଡ (ଜଟଣୀ) ରେଳମଣ୍ଡଳ କାର୍ଯ୍ୟାଳୟ ସମ୍ମୁଖରେ ଷ୍ଟେଶନମାଷ୍ଟରମାନେ ଧାରଣା ଦେବା ସହ ଉକ୍ତ ସିଲିଂ ବ୍ୟବସ୍ଥାକୁ ବିରୋଧ ପ୍ରଦର୍ଶନ କରିଥିଲେ। ଏହି ଆନ୍ଦୋଳନରେ ସଂଘର ଖୋର୍ଦ୍ଧାରୋଡ ରେଳମଣ୍ଡଳ ସମ୍ପାଦକ ଗଗନ ବିହାରୀ ପ୍ରଧାନ, କ୍ଷେତ୍ରୀୟ ସଭାପତି ଆର୍.ଏନ୍.ନାୟକ ଏବଂ କ୍ଷେତ୍ରୀୟ ସମ୍ପାଦକ ଏମ୍.କେ.ମହାନ୍ତିଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ଷ୍ଟେଶନ ମାଷ୍ଟର ଯୋଗଦେଇଥିଲେ। ସନ୍ଧ୍ୟାରେ ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଣ୍ଡଳ କାର୍ଯ୍ୟାଳୟରେ ପ୍ରବନ୍ଧକଙ୍କ ସଚିବକୁ ପ୍ରଦାନ କରିଥିଲେ। ଉଚିତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ପ୍ରତ୍ୟେକ ସିଗ୍‌ନାଲ ପଏଣ୍ଟରେ ୨ ମିନିଟ୍ ପର୍ଯ୍ୟନ୍ତ ଟ୍ରେନ୍ ରୋକାଯିବ ବୋଲି ସଂଘ ପକ୍ଷରୁ ପୂର୍ବତଟ ରେଳପଥ ଷ୍ଟେଶନ ମାଷ୍ଟର ସଂଘ, ଭୁବନେଶ୍ୱରର ପୂର୍ବତନ ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ସାମଲ କହିଛନ୍ତି।

■ ସିଲିଂ ବ୍ୟବସ୍ଥାକୁ ବିରୋଧ
■ ରେଳମଣ୍ଡଳ ପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲକ୍ଷ୍ମୀଧର


@ ଗୋପବନ୍ଧୁ


@ ପ୍ରୀତି


@ ଜ୍ୟୋତିଷା


@ ସରୋଜ


@ ସୁବ୍ରତ


@ ନିତ୍ୟାନନ୍ଦ


@ ସତ୍ୟବ୍ରତ